Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ     نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ     وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ସଂଖ୍ୟା 27

ବାର୍ଷିକ ଦେୟ: ୩୦୦/-

ସାପ୍ତାହିକ

# ବଦର

The Weekly କାଦିଆନ

BADAR Qadian

ODIA

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 06 ଜୁଲାଇ 2017 06 ୱଫା 1396 ହି.ଶ 11 ଶୱାଲ୍ 1438 ହି.କ

## ଅହମଦୀୟା ଖାବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦ୍ଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ଯେଉଁମାନେ ଅଲ୍ଲାଃଙ୍କ ପାଇଁ ନିଜ ମନ ସହିତ ଯୁଦ୍ଧ କରୁଛନ୍ତି ସେମାନଙ୍କୁ ମୁବାରକ୍ (ଶୁଭେଚ୍ଛା) । ଏବଂ ସେ ବ୍ୟକ୍ତି ହେଉଛି ଦୁର୍ଭାଗା ଯିଏ ନିଜ ଇଚ୍ଛା ପାଇଁ ଅଲ୍ଲାଃତାଲାଙ୍କ ସହିତ ଯୁଦ୍ଧ କରୁଛି ଏବଂ ତା ସହିତ ସମ୍ମତ ନୁହେଁ ।**

**ଖୁଦାଙ୍କ ଶିକ୍ଷା ଓ କୋରାନ୍‌ର ଆଦେଶ ବିରୁଦ୍ଧରେ ଆଗକୁ ଗୋଟିଏ ପାଦ ମଧ୍ୟ ବଢ଼ାଓ ନାହିଁ । ମୁଁ ତୁମକୁ ସତ କହୁଛି ଯେ ଯେଉଁ ବ୍ୟକ୍ତି କୋରାନ୍‌ର ୭୦୦ ନିର୍ଦ୍ଦେଶ ମଧ୍ୟରୁ ଗୋଟିଏ ଛୋଟ ନିର୍ଦ୍ଦେଶକୁ ମଧ୍ୟ ଟାଳି ଦେଇଥାଏ, ସେ ନଜାତ୍‌ର ଦ୍ୱାରକୁ ନିଜ ହାତରେ ନିଜ ପାଇଁ ବନ୍ଦ୍ କରିଥାଏ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ସେମାନଙ୍କୁ ମୋବାରକ୍ ଯେଉଁମାନେ ଅଲ୍ଲାଃତାଲାଙ୍କ ପାଇଁ ନିଜ (ଇଚ୍ଛା) ସହିତ ଯୁଦ୍ଧ କରୁଛନ୍ତି ଓ ସେ ବ୍ୟକ୍ତି ଦୁର୍ଭାଗା ଅଟେ ଯିଏ ନିଜ ଇଚ୍ଛା ପାଇଁ ଅଲ୍ଲାଃତାଲାଙ୍କ ସହିତ ଯୁଦ୍ଧ କରୁଛି ଓ ତା ସହିତ ସମ୍ମତ ନୁହେଁ । ଯେଉଁ ବ୍ୟକ୍ତି ନିଜ ଇଚ୍ଛା ପାଇଁ ଅଲ୍ଲାଃଙ୍କ ନିର୍ଦ୍ଦେଶକୁ ଟାଳି ଥାଏ ସେ ସ୍ୱର୍ଗରେ କଦାପି ଦାଖଲ ହୋଇପାରିବ ନାହିଁ । ତେଣୁ ତୁମେ ଚେଷ୍ଟା କର ଯେ ପବିତ୍ର କୋରାନ୍‌ର ଗୋଟିଏ ବିନ୍ଦୁ ବା ଗୋଟିଏ ମାତ୍ରା ମଧ୍ୟ ତୁମ ବିରୋଧରେ ସାକ୍ଷୀ ନ ଦେଉ, ଯଦ୍ୱାରା ତୁମେ ଧରା ହୋଇଯିବ । କାରଣ ଟିକିଏ ମାତ୍ର କୁକର୍ମର ମଧ୍ୟ ଦଣ୍ଡ ନିହିତ ଅଛି । କମ୍ ସମୟରେ ବହୁତ କାର୍ଯ୍ୟ କରିବାକୁ ଅଛି । ସଂଧ୍ୟା ପାଖେଇ ଆସୁଥିବାରୁ ଶିଘ୍ର ଶିଘ୍ର ପାଦ ବଢ଼ାଅ । ଯାହା ପରିବେଷଣ କରିବାକୁ ଅଛି ତାକୁ ବାରମ୍ବାର ପରଖି ନିଅ । ଏପରି ନହେଉ କି କିଛି ରହିଯାଉ ଓ ଅହିତ ସାଧନ ହେଉ ବା ସବୁତକ ଅଶୁଦ୍ଧ ଅଚଳ ହୋଇଯାଉ ଯାହା ଶାହି (ସମ୍ରାଟ) ଦରବାରରେ ଉପସ୍ଥାପନ କରିବା ପାଇଁ ଉପଯୁକ୍ତ ହେବନାହିଁ ।

----ତେଣୁ ତୁମେ ସାବଧାନ ହୋଇଯାଅ ଖୁଦାଙ୍କ ଶିକ୍ଷା ଓ କୋରାନ୍‌ର ଆଦେଶ ବିରୁଦ୍ଧରେ ଗୋଟିଏ ମଧ୍ୟ ପାଦ ଆଗକୁ ବଢ଼ାଅ ନାହିଁ । ମୁଁ ତୁମକୁ ସତ ସତ କହୁଛି ଯେ ଯେଉଁ ବ୍ୟକ୍ତି କୋରାନ୍‌ର ୭୦୦ ହୁକୁମ୍ (ନିର୍ଦ୍ଦେଶାବଳୀ) ଭିତରୁ ଗୋଟିଏ ଛୋଟ ହୁକୁମ୍‌କୁ ମଧ୍ୟ ଟାଳିଦିଏ ସେ ନଜାତ୍ (ମୋକ୍ଷ)ର ଦ୍ୱାରକୁ ନିଜ ପାଇଁ ନିଜ ହାତରେ ହିଁ ବନ୍ଦ୍ କରିଦିଏ । ବାସ୍ତବିକ୍ ଓ ସମ୍ପୂର୍ଣ୍ଣ ମୋକ୍ଷର ମାର୍ଗ କୋରାନ୍ ମାର୍ଗ ଦର୍ଶନ କରାଇଛି । ଅନ୍ୟ ସବୁ ଗ୍ରନ୍ଥ ଏହାର ଛାୟା ଥିଲେ ତେଣୁ ତୁମେ କୋରାନ୍‌କୁ ଚିନ୍ତନ ଓ ମନନ କରି ପଢ଼ ଓ ତାଙ୍କୁ ବହୁତ ପ୍ରେମ କର, ଯେପରି ପ୍ରେମ ତୁମେ କାହାକୁ କରିନଥିବ । କାରଣ ଅଲ୍ଲାଃତାଲା ମୋତେ ସମ୍ବୋଧନ କରି କହିଛନ୍ତି **ଅଲ୍ ଖଏରୋ ଫିଲ୍ କୁରୁଆନ୍** ଅର୍ଥାତ-ସବୁ ପ୍ରକାରର ଉତ୍ତମ ଜିନିଷ କୋରାନ୍‌ରେ ବିଦ୍ୟମାନ୍ । ଏହା ସତ୍ୟ ବଚନ ଅଟେ । ସେମାନଙ୍କ ପାଇଁ ଅନୁତାପର ବିଷୟ ଯେଉଁମାନେ ଅନ୍ୟ କାହାକୁ ତା ଉପରେ ଅଗ୍ରାଧିକାର ଦେଉଛନ୍ତି । ତୁମର ସବୁ ସଫଳତା ଓ ମୋକ୍ଷର ସ୍ରୋତ କୋରାନ୍‌ରେ ବିଦ୍ୟମାନ । ତୁମର ଏପରି କୌଣସି ଧାର୍ମିକ ଆବଶ୍ୟକତା ନାହିଁ, ଯାହା କୋରାନ୍‌ରେ ନ ମିଳିବ । ତୁମ ଇମାନ୍‌ର ସତ୍ୟତା ବା ମିଥ୍ୟାର ସାକ୍ଷୀ କୟାମତ୍ ଦିନ କୋରାନ୍ ଦେବ । ଏବଂ କୋରାନ୍ ବ୍ୟତୀତ ଆକାଶ ତଳେ ଆଉ କୌଣସି (ପୁସ୍ତକ) ନାହିଁ, ଯିଏ ପ୍ରତ୍ୟେକ୍ଷ ରୂପେ ତୁମର ପଥ ପ୍ରଦର୍ଶନ କରାଇପାରିବ । ଖୁଦା ତୁମ ଉପରେ ବହୁତ ଦୟା କରିଛନ୍ତି ଯେ ତୁମକୁ କୋରାନ୍ ଭଳି ପୁସ୍ତକ ପ୍ରଦାନ କରିଛନ୍ତି । ମୁଁ ତୁମକୁ ସତ ସତ କହୁଛି ଯେ ସେହି ପୁସ୍ତକ ଯାହା ତୁମ ଉପରେ ପାଠ କରାଯାଇଛି ଯଦି ଇସାଇଙ୍କ ଉପରେ ପାଠ କରାଯାଇଥାନ୍ତା ତେବେ ସେମାନେ ହଲାକ (ନଷ୍ଟ) ହୋଇନଥାନ୍ତେ । ଏବଂ ଏହି (ନେମତ୍) କୃପା ଓ ଜ୍ଞାନ ଯାହା ତୁମକୁ ଦିଆଯାଇଛି ଯଦି ଏହା ତୌରାତ୍‌ର ସ୍ଥାନରେ ଇହୁଦୀଙ୍କୁ ଦିଆଯାଇଥାନ୍ତା, ତେବେ ସେମାନଙ୍କ ଭିତରୁ କିଛି ଗୋଷ୍ଠୀ କୟାମତ୍‌ର ଅସ୍ୱୀକାର କରିନଥାନ୍ତେ । ତେଣୁ ଏହି ନେମତର ସମ୍ମାନ କର ଯାହା ତୁମକୁ ଦିଆଯାଇଛି । ଏହା ଅତ୍ୟନ୍ତ ପ୍ରୀୟ ନେମତ୍ ଅଟେ । ଏହା ବଡ଼ ସମ୍ପତି ଅଟେ । ଯଦି କୋରାନ୍ ନ ଆସିଥାନ୍ତା ତେବେ ସମଗ୍ର ସଂସାର ଗୋଟିଏ ଅଶୁଦ୍ଧ ମାଂସ ପିଣ୍ଡୁଳା ପରି ଥାଆନ୍ତା । କୋରାନ୍ ସେହି ପୁସ୍ତକ ଅଟେ ଯାହାର ମୁକାବିଲାରେ ସମସ୍ତ ଜ୍ଞାନ ତୁଚ୍ଛ ଅଟେ ।

----କୋରାନ୍ ମନୁଷ୍ୟକୁ ଏକ ସପ୍ତାହରେ ପବିତ୍ର କରିପାରିବ ଯଦି କୌଣସି ପ୍ରକାରର ବିମୁଖତା ନ ହୁଏ । ପବିତ୍ର କୋରାନ୍ ତୁମକୁ ନବୀଙ୍କ ପରି କରିପାରିବ ଯଦି ତୁମେ ତା'ଠାରୁ ନିଜେ ପଳାୟନ ନ କରିଛି । କୋରାନ୍ ବ୍ୟତିତ କୌଣସି ପୁସ୍ତକ ପ୍ରାରମ୍ଭରେ ହିଁ ତାର ପାଠକମାନଙ୍କ ପାଇଁ ଏ ଦୁଆ ଶିଖାଇ ନାହିଁ । ଓ ଏ ଭରସା ଦେଇନାହିଁ । ''ଏହ୍‌ଦେନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଆଲୈହିମ୍'' ଅର୍ଥାତ୍- (ହେ ଅଲ୍ଲାଃ !) ଆମକୁ ନିଜର ସେହି କୃପାର ମାର୍ଗ ଦେଖାଅ ଯାହା ଆମ ପୂର୍ବରୁ ସେହି ଲୋକମାନଙ୍କୁ ଦେଖାଇଛନ୍ତି, ଯେଉଁମାନେ ନବୀ, ରସୁଲ୍ ଓ ସିଦ୍ଦିକ୍ ଶହିଦ୍ ଓ ସ୍ୱାଲେହ୍ ଥିଲେ । ତେଣୁ ତୁମେ ନିଜର ସାହାସକୁ ଉଚ୍ଚ କର ଏବଂ କୋରାନ୍‌ର ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରନାହିଁ । କାରଣ ସେ ତୁମକୁ ସେହି ନେମତ (କୃପା) ଦେବାକୁ ଚାହୁଁଛି ଯାହା ତୁମ ପୂର୍ବରୁ ଲୋକମାନଙ୍କୁ ଦେଇଥିଲା ।

----ଖୁଦା ତୁମକୁ ୱହି ଓ ଇଲ୍‌ହାମ୍ (ସ୍ୱର୍ଗବାଣୀ)ର କୃପାରୁ ଓ ଅଲ୍ଲାଃତାଲାଙ୍କ ସହିତ ବାର୍ତାଳାପ ଓ ସମ୍ବୋଧନ କରିବାର କୃପାରୁ କଦାପି ବଂଚିତ କରିବେ ନାହିଁ । ସେ ତୁମ ଉପରେ ସେହି ସମସ୍ତ କୃପା ସମ୍ପୂର୍ଣ୍ଣ ପ୍ରଦାନ କରିବେ ଯାହା ପ୍ରଥମେ ତୁମ ପୂର୍ବରୁ ଲୋକମାନଙ୍କୁ ପ୍ରଦାନ କରିଥିଲେ । କିନ୍ତୁ ଯେଉଁ ବ୍ୟକ୍ତି ଧୃଷ୍ଟତାପୂର୍ବକ ଖୁଦାଙ୍କ ଉପରେ ମିଥ୍ୟାରୋପ କରିବ ଓ କହିବ ଯେ ଖୁଦାଙ୍କ (ଐଶିବାଣୀ) ୱହି ମୋ ଉପରେ ଅବତୀର୍ଣ୍ଣ ହୋଇଛି ବା ସେ କହିବ ଯେ ମୋତେ ଅଲ୍ଲାଃତାଲାଙ୍କ ସହିତ ବାର୍ତାଳାପ ଓ ସମ୍ବୋଧନର ସୌଭାଗ୍ୟ ପ୍ରାପ୍ତ ହୋଇଛି ବୋଲି । ଯଦିଚ ବାସ୍ତବରେ ତାହା ହୋଇନଥିବ, ତେବେ ମୁଁ ଖୁଦା ଓ ତାର ଫରିସ୍ତାଙ୍କୁ ସାକ୍ଷୀ ରଖି କହୁଛି ଯେ ସେ ବ୍ୟକ୍ତିଙ୍କୁ (ହଲାକ) ନିଃଶେଷ କରିଦିଆଯିବ । କାରଣ ସେ ନିଜ ସୃଷ୍ଟିକର୍ତାଙ୍କ ଉପରେ ମିଥ୍ୟାରୋପ କରିଛି ଓ ବହୁତ ଦୁଃସାହାସ ଓ ଧୃଷ୍ଟତା ଆଚରଣ କରିଛି । ତେଣୁ ତୁମେ ଏ ସ୍ଥାନରେ ଭୟ କର । ଧିକ୍କାର ସେ ଲୋକମାନଙ୍କୁ ଯେଉଁମାନେ ମିଛ ସ୍ୱପ୍ନ ବର୍ଣ୍ଣନା କରୁଛନ୍ତି ଏବଂ ମିଛ ବାର୍ତାଳାପ ଓ ସମ୍ବୋଧନର ଦାବୀ କରୁଛନ୍ତି । ସେ ଏପରି ଭାବୁଛନ୍ତି ଯେପରି ଖୁଦା ନାହାନ୍ତି । କିନ୍ତୁ ଖୁଦାଙ୍କ ଦଣ୍ଡ ତାଙ୍କୁ ମିଳିବ । ଏବଂ ତାଙ୍କର ଖରାପ ଦିନ ତାଙ୍କଠାରୁ ଦୂରେଇ ଯିବ ନାହିଁ । ତେଣୁ ତୁମେ ସତ୍ୟବାଦୀ ଓ ସତ୍ୟନିଷ୍ଠ ଓ ତକ୍‌ୱା ଓ ଇଶ୍ୱର ପ୍ରେମରେ ଉନ୍ନତି କର ଏବଂ ଜୀବିତ ରହିଥିବା ପର୍ଯ୍ୟନ୍ତ ଏହାକୁ ନିଜର କାର୍ଯ୍ୟ ବୋଲି ବୁଝିନିଅ । ପୁଣି ଯାଇ ଖୁଦା ତୁମମାନଙ୍କ ଭିତରୁ ଯାହାକୁ ଚାହିଁବେ ତାଙ୍କ ସହିତ ବାର୍ତାଳାପ ଓ ସମ୍ବୋଧନ କରିବାର ସୌଭାଗ୍ୟ ପ୍ରଦାନ କରିବେ । ତୁମକୁ ଏପରି ଇଚ୍ଛା ମଧ୍ୟ କରିବା ଉଚିତ୍ ନୁହେଁ ଯଦ୍ୱାରା ନିଜ ଇଚ୍ଛା ଯୋଗୁଁ ସଇତାନ୍‌ର ସିଲ୍‌ସିଲା ଆରମ୍ଭ ହୋଇଯିବ । ଏପରି ହେବା ଦ୍ୱାରା ବହୁତ ଲୋକ ହଲାକ୍ ହୋଇଯାଉଛନ୍ତି । ତେଣୁ ତୁମେ ସେବା ଓ ଉପାସନାରେ ଲାଗି ରୁହ । ତୁମର ସବୁ ଚେଷ୍ଟା ଏହି କାର୍ଯ୍ୟରେ ଲାଗିବା ଉଚିତ୍ । ଫଳତଃ ତୁମେ ଖୁଦାଙ୍କ ପ୍ରତ୍ୟେକ ନିର୍ଦ୍ଦେଶଗୁଡିକର ପାବନ୍ଦ ହୋଇଯିବ ଓ ତୁମ ବିଶ୍ୱାସରେ ଉନ୍ନତି ହେବ । ଏହା କେବଳ ଐଶ୍ୱରିକବାଣୀକୁ ଦେଖେଇହେବା ପାଇଁ ନୁହେଁ ବରଂ ମୋକ୍ଷପ୍ରାପ୍ତି ପାଇଁ ହେବ ।

**(କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୨୫-୨୮)**

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

## ନିକାହ୍ ନିମନ୍ତେ ୱଲି (ଅଭିଭାବକ)ଙ୍କ ଅନୁମତି ଜରୁରୀ ଅଟେ ।

ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ନିଜର ଖୁତ୍‌ବା ଯୁମା ତା-୮ ଏପ୍ରିଲ୍ ୨୦୧୬ ରେ କହୁଛନ୍ତି:-

"ବିଭାଘର ନିମନ୍ତେ ଯଦିଚ ଝିଅଙ୍କ ସମ୍ମତି ହେବା ଉଚିତ୍, ଯେପରି ଆଁ ହଜ୍‌ରତ୍ ସ:ଆ:ସ ସେମାନଙ୍କ ପସନ୍ଦକୁ ମଧ୍ୟ କାଏମ୍ ରଖିଛନ୍ତି କି ଝିଅର ଇଚ୍ଛା/ସମ୍ମତି ସାମିଲ୍ ହେବା ଆବଶ୍ୟକ । କିନ୍ତୁ ଇସ୍‌ଲାମ୍ ଏହା ମଧ୍ୟ ପ୍ରତିବନ୍ଧ ଲଗାଇଛି ଯେ ୱଲିଙ୍କ (ଅଭିଭାବକ) ବିନା ଅନୁମତିରେ ନିକାହ୍ (ବିବାହ) ଅନୁଚିତ୍ ।

ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ କହୁଛନ୍ତି ଯେ:-

"ଅଲ୍ଲାଃତାଲା ମସିହ୍ ମଉଦ୍ ଆ:ସ ଙ୍କୁ ପ୍ରେରଣ କଲେ ଓ ବାସ୍ତବିକ ଆପଣ ଆ:ସ ତାଙ୍କ ତରଫରୁ ଆସିଛନ୍ତି । ତେବେ ଆମ ଶରିୟତ୍ ଏହା କହେ (ଅର୍ଥାତ୍- ଇସ୍‌ଲାମ୍‌ର ଶରିୟତ୍ ଏହା କହେ) ଯେ ୱଲିଙ୍କ ବିନା ଅନୁମତିରେ କୌଣସି ନିକାହ୍ (ବିଭାଘର) ଉଚିତ୍ ନୁହେଁ । କେବଳ କୌଣସି ଏପରି ଅବସ୍ଥାରେ ଯାହାର ଅନୁମତି ଶରିୟତ୍ ନିଜେ ଦେଇଥିବ, ଏତତ୍ ବ୍ୟତୀତ ନୁହେଁ । ଯଦି ହେବ ତାହା ଅନୁଚିତ୍ ହେବ ଓ ଅଧାବିଧା ହେବ । ତେଣୁ ଆମର କର୍ତବ୍ୟ ଏହା ଅଟେ ଯେ ଆମେ ଏପରି ଲୋକଙ୍କୁ ବୁଝାଇବା ଯଦି ସେମାନେ ନବୁଝନ୍ତି ତେବେ ତାଙ୍କଠାରୁ ସମ୍ପର୍କ ଛିନ୍ନ କରିଦିଅ ।

ଏ ପ୍ରକାରର ଘଟଣା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ସମୟରେ ମଧ୍ୟ କେବେ କେବେ ହୋଇଛି । ସୁତରାଂ ଜଣେ ଯବାନ୍ ଝିଅ ଜଣକୁ ବିଭାହେବା ପାଇଁ ଇଚ୍ଛା କଲେ କିନ୍ତୁ ତାଙ୍କ ବାପା ମନା କଲେ । ସେ ଦୁଇଜଣଯାକ ନଙ୍ଗଲ୍ (କାଦିଆନର ନିକଟବର୍ତୀ ସ୍ଥାନ) ଚାଲିଗଲେ ଏବଂ ସେଠାରେ ଜଣେ ମୁଲ୍ଲାଙ୍କ ପାଖରେ ନିକାହ ପଢ଼ାଇ ନେଲେ ଏବଂ କହି ଚାଲିଲେ ଯେ ତାଙ୍କର ବିଭାଘର ହୋଇଯାଇଛି ବୋଲି । ପୁଣି କାଦିଆନ୍ ଫେରି ଆସିଲେ । ଯେତେବେଳେ ଏହା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କୁ ଜଣାପଡ଼ିଲା, ଆପଣ ସ:ଆ:ସ ସେ ଦୁଇଜଣଙ୍କୁ କାଦିଆନ୍‌ରୁ ବିତାଡ଼ିତ କରିଦେଲେ ଓ କହିଲେ ଯେ ଏହା ଶରିୟତ୍ ବିରୋଧି କାର୍ଯ୍ୟ ଅଟେ । କେବଳ ଝିଅର ସମ୍ମତିକୁ ଦେଖି ୱଲିଙ୍କ ବିନା ଅନୁମତିରେ ନିକାହ୍ କରିଛନ୍ତି । ସେଠି ମଧ୍ୟ ଝିଅ ରାଜିଥିଲା ଏବଂ କହୁଥିଲା ମୁଁ ଏହି ପୁରୁଷକୁ ବିବାହ କରିବି କିନ୍ତୁ ସେ ୱଲିଙ୍କ ବିନା ଅନୁମତିରେ ନିକାହ ପଢ଼ାଇଲେ । ତେଣୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସେମାନଙ୍କୁ କାଦିଆନ୍‌ରୁ ବାହାର କରିଦେଲେ । ସେହିପରି (ସେଠି ସେ ଯୁଗରେ ଏପରି ଏକ ନିକାହ ହଜ୍‌ରତ୍ ମୁସ୍‌ଲେହ ମଉଦଙ୍କ ସମ୍ମୁଖରେ ମଧ୍ୟ ହୋଇଥିଲା । ଆପଣ ର:ଅ କହୁଛନ୍ତି ଯେ) ଏ ନିକାହ ମଧ୍ୟ ଅନୁଚିତ୍/ଅବୈଧ ଓ ଏହି କଥା ମୁଁ ଏ ସ୍ତ୍ରୀ ଲୋକ (ପୁଅର ମା)ଙ୍କୁ କହିଛି । ଜଣେ ସ୍ତ୍ରୀ ଲୋକ ଆସିଥିଲେ ଓ କହିଲେ ଯେ ଯେହେତୁ ଝିଅ ରାଜିଥିଲା ତେଣୁ ମୋ ପୁଅ ନିକାହ୍ କରିଲା ସେଠୁ କଣ ହୋଇଗଲା) ଆପଣ ର:ଅ କହିଲେ, ମୁଁ ତାଙ୍କୁ କହିଲି ଦେଖ ତୁମ ପୁଅକୁ ବନ୍ଧୁ ମିଳୁଛି ତେଣୁ ତୁମେ କହୁଛ ଯେ ଯଦି ଝିଅ ରାଜିଅଛି ତେବେ କୌଣସି ୱଲିଙ୍କ ଅନୁମତି ନେବା ଦରକାର ନାହିଁ । କିନ୍ତୁ ତୁମର ମଧ୍ୟ ଝିଅ ଅଛନ୍ତି । ଯଦି ସେମାନେ ବିବାହିତା ତେବେ ତାଙ୍କର ମଧ୍ୟ ଝିଅ ଥିବେ । ତେବେ ତୁମେ କଣ ଏହା ପସନ୍ଦ କରିବ ଯେ ସେମାନଙ୍କ ମଧ୍ୟରୁ କୌଣସି ଝିଅ ଏହିପରି ଘରୁ ବାହାରି ଯାଇ କୌଣସି ଅଚିହ୍ନା ପୁରୁଷ ସହିତ ଚାଲିଯାଉ" ।

**(ଉଦ୍ଧୃତ-ଖୁତ୍‌ବାତେ ମହ୍‌ମୁଦ୍ ଖଣ୍ଡ-୧୮, ପୃଷ୍ଠା-୧୭୫-୧୭୬)**

ସୁତରାଂ ଯେପରି ମୁଁ ପ୍ରଥମେ କହିସାରିଛି ଯେ ନା ତ ମା ବାପାଙ୍କୁ ଏପରି କଠୋର ହେବା ଉଚିତ୍ ଯେ ସେମାନେ ବିନା କୌଣସି କାରଣରେ ଓ ମିଛ ଆମ୍ ବଡ଼ିମା ନାମରେ ବନ୍ଧୁ ନ କରନ୍ତୁ ଓ ହତ୍ୟା ପରି ଜଘନ୍ୟ କାର୍ଯ୍ୟ କରିବାକୁ ନ ପଛାନ୍ତୁ । ଏବଂ ନା ହିଁ ଝିଅମାନଙ୍କୁ ଇସ୍‌ଲାମ୍ ଅନୁମତି ଦେଇଛି ଯେ ସେମାନେ ନିଜେ ଘରୁ ବାହାରି ଯାଇ ଅଦାଲତରେ ବା କୌଣସି ମୌଲବୀଙ୍କ ପାଖରେ ବିଭା ହୋଇଯାଆନ୍ତୁ ବା ନିକାହ ପଢ଼ାଇନିଅନ୍ତୁ । ଯଦି କିଛି ମଜ୍‌ବୁରି (ବିବଶତା) ଅଛି ତେବେ ଝିଅମାନେ ମଧ୍ୟ ଖଲିଫାଙ୍କୁ ଲେଖିପାରିବେ, ଖଲିଫା ଅବସ୍ଥାର ଅନୁଧ୍ୟାନ କରି ଯାହା ଉଚିତ୍ ଫଏସଲା କରିବେ (ତା ଉପରେ ଅମଳ ହେବ) ତେଣୁ ଝିଅମାନେ ଯଦି ଦୀନ୍ (ଧର୍ମ) କୁ ଦୁନିଆ (ସଂସାର) ଉପରେ ପ୍ରାଥମିକତା ଦେବେ ଏବଂ ପୁଅମାନେ ମଧ୍ୟ ଏହା ଆଖି ଆଗରେ ରଖିବେ ତେବେ ଅଲ୍ଲାଃତାଲା ମଧ୍ୟ କୃପା କରିବେ" ।

**(ଅଖବାର୍ ବଦର ୨୮, ଏପ୍ରିଲ୍ ୨୦୧୬, ପୃଷ୍ଠା-୫)**

## ଯମାତର ଖିଦ୍‌ମତ୍ (ସେବା) କରିବା ପାଇଁ ଇଚ୍ଛୁକ ବ୍ୟକ୍ତି ଧ୍ୟାନ ଦିଅନ୍ତୁ !

ସଦର ଅଞ୍ଜୁମାନ୍ ଅହେମଦୀୟା କାଦିଆନ୍‌ର କେତେଗୁଡିଏ ଦଫତର୍‌ରେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଆବଶ୍ୟକ ଅଛି । ଯେଉଁ ବନ୍ଧୁମାନେ ସଦର ଅଞ୍ଜୁମାନ୍ ଅହେମଦୀୟାରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ରୂପେ ଖିଦ୍‌ମତ୍ କରିବା ପାଇଁ ଇଚ୍ଛୁକ ସେମାନେ ନିମ୍ନଲିଖିତ ସର୍ତାବଳୀ ମୁତାବକ ଦରଖାସ୍ତ କରିପାରିବେ ।

(୧) ଇଚ୍ଛୁକ ପ୍ରାର୍ଥୀଙ୍କ ପାଇଁ ଶିକ୍ଷାର କୌଣସି ସର୍ତ ନାହିଁ ।

(୨) ପ୍ରାର୍ଥୀଙ୍କ ବୟସ ୨୫ ବର୍ଷରୁ କମ୍ ହୋଇଥିବ । ଜନ୍ମ ପ୍ରମାଣପତ୍ର ଉପସ୍ଥାପନ କରିବା ଜରୁରୀ ଅଟେ ।

(୩) ସେହି ପ୍ରାର୍ଥୀମାନଙ୍କୁ ଖିଦ୍‌ମତ୍ ପାଇଁ ଚୟନ କରାଯିବ ଯେଉଁମାନେ କର୍ମଚାରୀ ନିଯୁକ୍ତ ବୋର୍ଡ଼ ଦ୍ୱାରା ଇଂଟରଭିଉରେ କୃତକାର୍ଯ୍ୟ ହେବେ ।

(୪) ସେହି ପ୍ରାର୍ଥୀ ଖିଦ୍‌ମତ୍ କରିବା ପାଇଁ ଚୟନ ହେବେ ଯେଉଁମାନେ ନୁର୍ ହସ୍‌ପିଟାଲ୍ କାଦିଆନ୍‌ର ମେଡ଼ିକାଲ୍ ବୋର୍ଡ଼ ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ୍ ଓ ନିରୋଗୀ ହୋଇଥିବେ ।

(୫) କାଦିଆନ୍ ଯିବା ଆସିବାର ରାସ୍ତା ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

(୬) ଯଦି କୌଣସି ପ୍ରାର୍ଥୀଙ୍କ ଚୟନ ହୁଏ ଏହି ପରିସ୍ଥିତିରେ ସେ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ ।

(ସମ୍ପୃକ୍ତ ଦରଖାସ୍ତ ଫର୍ମ ଦିୱାନ୍ ସଦର୍ ଅଞ୍ଜୁମାନ୍ ଅହେମଦୀୟାଙ୍କ ଠାରୁ ପ୍ରାପ୍ତ କରିପାରିବେ । ଏହି ଘୋଷଣାର ଦୁଇମାସ ଭିତରେ ଯେଉଁ ଦରଖାସ୍ତ ଆସିବ ତା ଉପରେ ଚିନ୍ତା କରାଯିବ)

(ନାଜର୍ ଦିୱାନ୍ ସଦର୍ ଅଞ୍ଜୁମାନ୍ ଅହେମଦୀୟା କାଦିଆନ୍)

**ଅଧିକ ଜାଣିବା ପାଇଁ ଯୋଗାଯୋଗ କରିପାରିବେ:-**

ଦଫ୍‌ତର୍ : ୦୧୮୭୨-୫୦୧୧୩୦

ମୋବାଇଲ୍ : ୦୯୮୧୫୪୩୩୭୬୦

e-mail : nazaratdiwanqdn@gmail.com

**b b b b b b b b b b b b**

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

# ଖୁତ୍‌ବା ଜୁମା

◆ ମୁସଲମାନମାନଙ୍କ ମଧ୍ୟରୁ ଅଧିକାଂଶ ଲୋକେ ଏକଥା ବୁଝିପାରୁ ନାହାନ୍ତି କି ଖିଲାଫତ୍‌ର ବ୍ୟବସ୍ଥା କିଭଳି ପୁନଃ ପରିଚାଳିତ ହେବ । ମୁସଲମାନମାନଙ୍କ ମଧ୍ୟରେ ଗୋଟିଏ ବଡ଼ ଦଳ ଏପରି ଅଛି ଯେ, କହିଥାନ୍ତି କି ଖିଲାଫତ୍‌ର ଆବଶ୍ୟକତା ହିଁ ନାହିଁ ଏବଂ ଯେ ଯେଉଁ ଗୋଷ୍ଠୀ ସହ ସଂଶ୍ଳିଷ୍ଟ ତାହାକୁ ସେମାନଙ୍କ ପନ୍ଥା ଅବଲମ୍ବନ କରିବା ଉଚିତ୍ । ତାହା ହିଁ ସେମାନଙ୍କ ପାଇଁ ଯଥେଷ୍ଟ ଅଟେ ।

◆ ହଜରତ ମସିହ ମଉଦ ଆ.ସ ମୁସଲମାନ ଧର୍ମଯାଜକମାନଙ୍କର ଏହି ସୀମିତ ଜ୍ଞାନ ଓ ମୂର୍ଖତାର ଚର୍ଚ୍ଚା କରି ଗୋଟିଏ ସ୍ଥାନରେ କୁହନ୍ତି- କେତେକ ଲୋକ ପଙ୍କ୍ତି **ୱାଦଲ୍ ଲାହୁଲ୍ ଲଜିନା ଆମନୁ ମିନ୍‌କୁମ୍ ୱ ଆମିଲୁସ୍ ସାଲିହାତି ଲାୟସ୍ ତଖ୍‌ଲିଫନ୍ନହୁମ୍ ଫିଲ୍ ଅର୍‌ଜି କମସ୍ ତଖ୍‌ଲିଫଲ୍ ଲଜିନା ମିନ୍ କବ୍‌ଲିହିମ୍**ର ପ୍ରତ୍ୟାଖ୍ୟାନ କରୁଛନ୍ତି ଏବଂ କହୁଛନ୍ତି କି **ମିନ୍‌କୁମ୍** ଅର୍ଥ ସାହାବା ଥିଲେ ଏବଂ ଇସଲାମର ପ୍ରାରମ୍ଭିକ ସମୟରେ ଯେଉଁ ଖିଲାଫତ୍ ପ୍ରଚଳିତ ଥିଲା ଏହା ସେହିଠାରେ ହିଁ ଶେଷ ହୋଇଗଲା । ଆସନ୍ତାରେ ଅନ୍ତିମ ଦିବସ ପର୍ଯ୍ୟନ୍ତ ଖିଲାଫତ୍ ପୁର୍ନବାର ପ୍ରତିଷ୍ଠା ହେବା ସମ୍ଭବ ନୁହେଁ । ଯେପରି ଖିଲାଫତ୍ ଏକ ସ୍ୱପ୍ନ ଓ ଭାବନା ରାଇଜ ପରି କେବଳ ୩୦ବର୍ଷ ପାଇଁ ବର୍ଦ୍ଧିତ ଥିଲା । ତାପରେ ସଦାସର୍ବଦା ପାଇଁ ଇସଲାମ ଏକ ଚିର ଅଶୁଭ କୂଅରେ ପଡ଼ିଗଲା **ନଉଜୁବିଲ୍ଲାଃ** । ଏପରି କଥା ଶୁଣି ଆମର ଶରୀର ପ୍ରକମ୍ପିତ ହୋଇ ଉଠୁଛି । ଯେପରି ଇସଲାମର ବରକତ୍ କାହିଁ କେଉଁ କାଳରୁ ବିଲୟ ଘଟିଛି ।

◆ ହଜୁର ଅନୱର ଅ.ବ କହିଲେ- ପୁଣି କେତେକ ଏପରି ଲୋକ ମଧ୍ୟ ଅଛନ୍ତି ଯେ ନିଜର ସାଂସାରିକ କ୍ଷମତା ବଳରେ ନିଜକୁ ଖଲିଫା ଘୋଷଣା କରିବାକୁ ଚାହିଁଥାନ୍ତି । ସେମାନଙ୍କ ମତରେ ଖିଲାଫତ୍ ଶକ୍ତି ଓ କ୍ଷମତା ବଳରେ ପ୍ରତିଷ୍ଠିତ ହୋଇଯିବ । **ସେମାନେ ଅଲ୍ଲାଃଙ୍କର ଏହି ସ୍ପଷ୍ଟ ବାର୍ତା ବୁଝିପାରୁ ନାହାନ୍ତି କି ବିଶ୍ୱାସ ଓ ଉତମ ଅମଳ ସହ ଏହି ଅଙ୍ଗୀକାର ସର୍ତ ଅଟେ** । ସାଧାରଣ ମୁସଲମାନମାନଙ୍କ ଏହି ଚିନ୍ତାଧାରା ଫଳରେ ଇସଲାମ ବିରୋଧୀ ଶକ୍ତିମାନେ ଇସଲାମକୁ ଦୁର୍ବଳ କରିବା ନିମନ୍ତେ ଏଭଳି ସଂସ୍ଥାମାନ ପ୍ରତିଷ୍ଠା କରି ସେଗୁଡ଼ିକୁ ସାହାଯ୍ୟ କରୁଛନ୍ତି ଯେ ଖିଲାଫତ୍ ନାମରେ ନିଜକୁ ସୁଦୃଢ଼ କଲେ କିନ୍ତୁ ସେମାନେ ସୀମିତ ସମୟ ପର୍ଯ୍ୟନ୍ତ ସାଂସାରିକ ଉଦ୍ଦେଶ୍ୟ ପୂରଣ କରି କିମ୍ବା ଉକ୍ତ ଶକ୍ତିମାନଙ୍କ ସାହାଯ୍ୟ ସହଯୋଗ ଆଉ ନମିଳିବା ହେତୁ ନିପାତ ହୋଇଗଲେ ।

◆ ବିଗତ ଦିନ ଇଂଲଣ୍ଡର ମଂଚେଷ୍ଟରରେ ଅଯଥା ୨୨/୨୩ ଜଣ ଲୋକଙ୍କୁ ହତ୍ୟା କରିଦିଆଗଲା । ଯେଉଁମାନଙ୍କ ମଧ୍ୟରେ ନିରୀହ ପିଲାମାନେ ସାମିଲ ଥିଲେ । ଏହା ଅତ୍ୟନ୍ତ ଦୁଃଖଦ ଘଟଣା, ଯାହାକି କୌଣସି ପ୍ରକାରରେ ଇସଲାମୀୟ ଶିକ୍ଷା ମୁତାବକ ନୁହେଁ । ଏପରି ଘଟଣା ଦେଖି ଆମେ (ଅହେମଦି) ଅସ୍ତବ୍ୟସ୍ତ ହୋଇପଡୁ । ଅଲ୍ଲାଃତାଲା ସେହି ମୃତକଙ୍କ ସହ ଦୟା ଆଚରଣ କରନ୍ତୁ ଏବଂ ସେମାନଙ୍କ ପରିଜନଙ୍କୁ ଧୈର୍ଯ୍ୟ ପ୍ରଦାନ କରିବା ସହିତ ସେହି ଅତ୍ୟାଚାରୀମାନଙ୍କ ହାତକୁ କବଳିତ କରନ୍ତୁ ଯେ, ଇସଲାମ ନାମରେ ଖିଲାଫତ୍ ନାମରେ ଏଭଳି ହରକତ କରୁଛନ୍ତି । ସେହିପରି ମୁସଲମାନ ଦେଶମାନଙ୍କରେ ମଧ୍ୟ ଯେଉଁ ହତ୍ୟା, ଅନ୍ୟାୟ ଓ ଅତ୍ୟାଚାର ହେଉଅଛି, ସେସବୁ ମଧ୍ୟ ଧର୍ମରୁ ଦୂରେଇବା ଓ ଅଲ୍ଲାଃଙ୍କ ଆଦେଶପାଳନ ନକରିବାର ପରିଣାମ ଅଟେ ।

◆ *ଖିଲାଫତ୍ ନା ସାଂସାରିକ ଶକ୍ତି ଓ କ୍ଷମତା ଦ୍ୱାରା ଅର୍ଜନ ହୋଇଥାଏ ନା ମଣିଷର ଚାଲାକି, ଚତୁରତା ଦ୍ୱାରା ନା ନାମକୁ ମାତ୍ର ମୌଲବି ବୋଲାଉଥିବା ଲୋକମାନଙ୍କ ଏକତ୍ର ହୋଇ ପାରସ୍ପରିକ ସହମତି ପ୍ରକାଶ କରିବା ଦ୍ୱାରା, ଯେଭଳି କିଛି ବର୍ଷ ପୂର୍ବେ ମୁସଲମାନମାନେ ଏକତ୍ର ହୋଇ ନିଜର ଖଲିଫା ଚୟନ କଲେ,* ଏଭଳି କୌଣସି ଖିଲାଫତ୍ ପ୍ରଚଳିତ ହୋଇନଥାଏ । ଖିଲାଫତ୍‌ର ବ୍ୟବସ୍ଥା (ଲୋକମାନଙ୍କ) ଭୟପ୍ରଦ ଅବସ୍ଥାକୁ ଶାନ୍ତିରେ ପରିଣତ କରିଥାଏ ଏବଂ ତାହା ଅଲ୍ଲାଃ ଓ ରସୁଲଙ୍କ କହିବା ମୁତାବକ ଅମଳ କଲେ ହିଁ ହାସଲ ହୋଇଥାଏ ।

◆ ଆଜି ଆମ ସମ୍ମୁଖରେ ଉପଦ୍ୱୀପର ଉଦାହରଣ ରହିଛି । ଦେଖ ସେମାନେ କୌଣସି ପୁରୁଣା ଜମାଅତ ନୁହଁନ୍ତି କିନ୍ତୁ ସେମାନେ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରି ଆଖରୀନ୍‌ମାନଙ୍କ ମଧ୍ୟରେ ସାମିଲ ହୋଇଗଲେ ଏବଂ ଖଲିଫାଙ୍କର ଆଜ୍ଞାକାରୀ ହେବା ଦ୍ୱାରା ଅଲ୍ଲାଃଙ୍କ କୃପାରୁ ସେମାନେ ବିଶ୍ୱାସର ଶୀର୍ଷକୁ ସ୍ପର୍ଶ କରିପାରିଛନ୍ତି । ସେଠାକାର ବନ୍ଦୀ ଜୀବନ ଅତିବାହିତ କରିଥିବା ଅହେମଦିମାନଙ୍କ ବିଶ୍ୱାସର ସ୍ତର ସେମାନଙ୍କ ପତ୍ର ଦ୍ୱାରା ଜଣାଯାଉଛି ଯେପରିକି ଜଣେ କଏଦୀ ମୋତେ ଲେଖିଲେ କି ଆମ୍ଭେ ଅଲ୍ଲାଃଙ୍କର ଅଶେଷ କୃତଜ୍ଞ ଯେ, ସେ ଆମ୍ଭକୁ ପ୍ରକୃତ ଇସଲାମ ଦ୍ୱାରା ପୁରସ୍କୃତ କଲେ । ଯାହାକି ଆମକୁ ପ୍ରକୃତ ଜୀବନ ପ୍ରଦାନ କଲା । ପୁଣି **ବୁନୟାନୁମ୍ ମରସୁସ୍** କରି ତାଙ୍କର ପ୍ରୀତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ ପରସ୍ପରକୁ ପ୍ରେମ କରିବା ଓ ଖଲିଫାଙ୍କ ହାତରେ ଏକତ୍ରିତ ହେବାର ଶକ୍ତି ପ୍ରଦାନ କଲେ ।

◆ ମୋକରମ୍ ଚୌଧରୀ ହମିଦ ଅହେମଦ ସାହେବ ପିତା ଶ୍ରୀମାନ ଚୌଧରୀ ମହମ୍ମଦ ସୋଲେମାନ ଅଖ୍ତର ସାହେବ ଇଂଲଣ୍ଡ ନିବାସୀଙ୍କର ଯନାଜାଃ ।

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ଅ.ବ
## (ପ୍ରଦତ୍ତ: ୨୬ ମଇ ୨୦୧୭ ଅନୁଯାୟୀ ୨୬ ହିଜ୍‌ରତ୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعَالَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. اِيَّاكَ نَعْبُدُ وَاِيَّاكَ نَسْتَعِيْنُ.
اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନୱର ଅ:ବ କହିଲେ- **ୱାଦଲ୍ ଲାହୁଲ୍ ଲଜିନା ଆମନୁ ମିନ୍‌କୁମ୍ ୱ ଆମିଲୁସ୍ ସାଲିହାତି ଲାୟସ୍ ତଖ୍‌ଲିଫନ୍ନହୁମ୍ ଫିଲ୍ ଅରଜି କମସ୍ ତଖ୍‌ଲିଫଲ୍ ଲଜିନା ମିନ୍ କବ୍‌ଲିହିମ୍ ୱଲାୟୁମକ୍ କିନ୍ନନା ଲହୁମ୍ ଦିନହୁମଲ୍ ଲଜିର୍ ତଜା ଲହୁମ୍ ୱ ଲୟୁବଦ୍ ଦିଲନ୍ନହୁମ୍ ମିମ୍ ବାଦି ଖୌଫିହିମ୍ ଅମ୍‌ନା । ୟାବୁଦୁନନି ଲାୟୁଶ୍ ରିକୁନାବି ଶଇଆ ୱମନ୍ କଫରା ବାଦା ଜାଲିକା ଫଉଲାଇକା ହୁମୁଲ୍ ଫାସିକୁନ୍** (ସୁରେ ନୁର୍ - ୫୬) ଅନୁବାଦ ତୁମମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱାସ ଆଣି ଉତମ କର୍ମ କରୁଛନ୍ତି ସେମାନଙ୍କ

ସହିତ ଅଲ୍ଲାଃ ଅଙ୍ଗୀକାର କରିଛନ୍ତି ଯେ ସେ ସେମାନଙ୍କୁ ଭୂପୃଷ୍ଠରେ ଖଲିଫା କରିବେ ଯେପରି ସେ ସେମାନଙ୍କ ପୂର୍ବବର୍ତୀ ଲୋକମାନଙ୍କୁ ଖଲିଫା କରିଥିଲେ ଏବଂ ଯେଉଁ ଧର୍ମକୁ ସେ ସେମାନଙ୍କ ପାଇଁ ପସନ୍ଦ କରିଛନ୍ତି ସେ ସେମାନଙ୍କ ପାଇଁ ତାହାକୁ ଦୃଢଭାବରେ ସ୍ଥାପନ କରିଦେବେ ଏବଂ ସେମାନଙ୍କ ଭୟପ୍ରଦ ଅବସ୍ଥାକୁ ପରେ ସେ ସେମାନଙ୍କ ପାଇଁ ଶାନ୍ତିପ୍ରଦ ଅବସ୍ଥାରେ ପରିଣତ କରିଦେବେ । ସେମାନେ ଆମ୍ଭର ଉପାସନା କରିବେ ଓ କୌଣସି ବସ୍ତୁକୁ ଆମ୍ଭର ସମକକ୍ଷ କରିବେ ନାହିଁ ଏବଂ ଯେଉଁମାନେ ଏହାପରେ ମଧ୍ୟ ଅମାନ୍ୟ କରିବେ ସେମାନେ ଅବଜ୍ଞାକାରୀମାନଙ୍କ ମଧ୍ୟରେ ଗଣ୍ୟ ହେବେ ।

ହଜୁର ଅନଓ୍ୱର ଅ.ବ କହିଲେ- ଉକ୍ତ ପକ୍ତିଂ ସ୍ୱଷ୍ଟ ଭାବରେ ଦର୍ଶାଉଛି ଯେ, ଅଲ୍ଲାଃତାଲାଙ୍କର ମୁସଲମାନମାନଙ୍କ ସହ ଅଙ୍ଗୀକାର ରହିଛି ଯେ ଇସଲାମରେ ଖିଲାଫତ୍ (ବ୍ୟବସ୍ଥା) ସ୍ଥଗିତ ରହିବ । ଏହା ସତ ଯେ, ହଜରତ ମହମ୍ମଦ ସ.ଆଙ୍କ କହିବା ଅନୁଯାୟୀ ମୁସଲମାନମାନଙ୍କ ଅମଲ ଓ ବିଶ୍ୱାସର ଅବସ୍ଥା ଯୋଗୁଁ ଏପରି ଏକ ସମୟ ଆସିବ ଯେତେବେଳେ କି ଏହି ପୁରସ୍କାର ସେମାନଙ୍କଠାରୁ ଏକ (ନିର୍ଦ୍ଧାରିତ) ସମୟ ପର୍ଯ୍ୟନ୍ତ ଛଡ଼ାଇ ନିଆଯିବ କିନ୍ତୁ ଖିଲାଫତ୍ ପୁର୍ନବାର ନବୁଓ୍ୱତର ପଥରେ ସ୍ଥାପିତ ଓ ପରିଚାଳିତ ହେବ । ମୁସଲମାନମାନଙ୍କ ମଧ୍ୟରୁ ଅଧିକାଂଶ ଲୋକେ ଏକଥା ବୁଝିପାରୁ ନାହାନ୍ତି କି ଖିଲାଫତ୍‌ର ବ୍ୟବସ୍ଥା କିଭଳି ପୁନଃ ପରିଚାଳିତ ହେବ । ମୁସଲମାନମାନଙ୍କ ମଧ୍ୟରେ ଗୋଟିଏ ବଡ଼ ଦଳ ଏପରି ଅଛି ଯେ, କହିଥାନ୍ତି କି ଖିଲାଫତ୍‌ର ଆବଶ୍ୟକତା ହିଁ ନାହିଁ ଏବଂ ଯେ ଯେଉଁ ଗୋଷ୍ଠୀ ସହ ସଂଶ୍ଳିଷ୍ଟ ତାହାକୁ ସେମାନଙ୍କ ପନ୍ଥା ଅବଲମ୍ବନ କରିବା ଉଚିତ୍ । ତାହା ହିଁ ସେମାନଙ୍କ ପାଇଁ ଯଥେଷ୍ଟ ଅଟେ । ହଜରତ ମସିହ ମଉଦ ଆ.ସ ମୁସଲମାନ ଧର୍ମଯାଜକମାନଙ୍କର ଏହି ସୀମିତ ଜ୍ଞାନ ଓ ମୁର୍ଖତାର ଚର୍ଚ୍ଚା କରି ଗୋଟିଏ ସ୍ଥାନରେ କୁହନ୍ତି- କେତେକ ଲୋକ ପକ୍ତିଂ **ଓ୍ୱାଦଲ୍ ଲାହୁଲ୍ ଲଜିନା ଆମନୁ ମିନ୍‌କୁମ୍ ଓ୍ୱ ଆମିଲୁସ୍ ସାଲିହାତି ଲାୟସ୍ ତଖ୍‌ଲିଫନ୍ନହୁମ୍ ଫିଲ୍ ଅର୍‌ଜି କମସ୍ ତଖ୍‌ଲିଫଲ୍ ଲଜିନା ମିନ୍ କବ୍‌ଲିହିମ୍‌**ର ପ୍ରତ୍ୟାକ୍ଷାନ କରୁଛନ୍ତି ଏବଂ କହୁଛନ୍ତି କି **ମିନ୍‌କୁମ୍** ଅର୍ଥ ସାହାବା ଥିଲେ ଏବଂ ଇସଲାମର ପ୍ରାରମ୍ଭିକ ସମୟରେ ଯେଉଁ ଖିଲାଫତ୍ ପ୍ରଚଳିତ ଥିଲା ଏହା ସେହିଠାରେ ହିଁ ଶେଷ ହୋଇଗଲା । ଆସନ୍ତାରେ ଅନ୍ତିମ ଦିବସ ପର୍ଯ୍ୟନ୍ତ ଖିଲାଫତ୍ ପୁର୍ନବାର ପ୍ରତିଷ୍ଠା ହେବା ସମ୍ଭବ ନୁହେଁ । ଯେପରି ଖିଲାଫତ୍ ଏକ ସ୍ୱପ୍ନ ଓ ଭାବନା ରାଇଜ ପରି କେବଳ ୩୦ବର୍ଷ ପାଇଁ ବର୍ଦ୍ଧିତ ଥିଲା । ତାପରେ ସଦାସର୍ବଦା ପାଇଁ ଇସଲାମ ଏକ ଚିର ଅଶୁଭ କୂଅରେ ପଡ଼ିଗଲା **ନଉଜୁବିଲ୍ଲାଃ** । ଏପରି କଥା ଶୁଣି ଆମର ଶରୀର ପ୍ରକମ୍ପିତ ହୋଇ ଉଠୁଛି । ଯେପରି ଇସଲାମର ବରକତ୍ କାହିଁ କେଉଁ କାଳରୁ ବିଲୟ ଘଟିଛି ।

ହଜୁର ଅନଓ୍ୱର ଅ.ବ କହିଲେ- ପୁଣି କେତେକ ଏପରି ଲୋକ ମଧ୍ୟ ଅଛନ୍ତି ଯେ ନିଜର ସାଂସାରିକ କ୍ଷମତା ବଳରେ ନିଜକୁ ଖଲିଫା ଘୋଷଣା କରିବାକୁ ଚାହିଁଥାନ୍ତି । ସେମାନଙ୍କ ମତରେ ଖିଲାଫତ୍ ଶକ୍ତି ଓ କ୍ଷମତା ବଳରେ ପ୍ରତିଷ୍ଠିତ ହୋଇଯିବ । **ସେମାନେ ଅଲ୍ଲାଃଙ୍କର ଏହି ସ୍ୱଷ୍ଟ ବାର୍ତା ବୁଝିପାରୁ ନାହାନ୍ତି କି ବିଶ୍ୱାସ ଓ ଉତମ ଅମଲ ସହ ଏହି ଅଙ୍ଗୀକାର ସର୍ତ ଅଟେ ।** ସାଧାରଣ ମୁସଲମାନମାନଙ୍କ ଏହି ଚିନ୍ତାଧାରା ଫଳରେ ଇସଲାମ ବିରୋଧୀ ଶକ୍ତିମାନେ ଇସଲାମକୁ ଦୁର୍ବଳ କରିବା ନିମନ୍ତେ ଏଭଳି ସଂସ୍ଥାମାନ ପ୍ରତିଷ୍ଠା କରି ସେଗୁଡ଼ିକୁ ସାହାଯ୍ୟ କରୁଛନ୍ତି ଯେ ଖିଲାଫତ୍ ନାମରେ ନିଜକୁ ସୁଦୃଢ କଲେ କିନ୍ତୁ ସେମାନେ ସୀମିତ ସମୟ ପର୍ଯ୍ୟନ୍ତ ସାଂସାରିକ ଉଦ୍ଦେଶ୍ୟ ପୂରଣ କରି କିମ୍ବା ଉକ୍ତ ଶକ୍ତିମାନଙ୍କ ସାହାଯ୍ୟ ସହଯୋଗ ଆଉ ନମିଳିବା ହେତୁ ନିପାତ ହୋଇଗଲେ । ତିନି ବର୍ଷ ପୂର୍ବେ ଆୟରଲ୍ୟାଣ୍ଡରେ ଜଣେ ସମ୍ପାଦକ ମୋତେ ପ୍ରଶ୍ନ କରିଥିଲେ କି ବର୍ତମାନ ଯେଉଁ ଖିଲାଫତ୍ ଆରମ୍ଭ ହୋଇଛି ମୁସଲମାନମାନଙ୍କ ମଧ୍ୟରେ ଏହାର ସତ୍ୟାସତ୍ୟ କ'ଣ ? ମୁଁ ତାଙ୍କୁ ଉତର ଦେଇଥିଲି ଏମାନେ ସେହି କଠୋର ପନ୍ଥୀ ଦଳ ଯେପରି ପ୍ରଥମେ (କିଛି) ଦଳ ଥିଲେ ଏବଂ ଏମାନଙ୍କ ପରିଣାମ ମଧ୍ୟ ଶେଷରେ ସେହି କଠୋର ପନ୍ଥୀମାନଙ୍କ ପରି ହେବ । ଯେପର୍ଯ୍ୟନ୍ତ ଏମାନଙ୍କ ସାହାଯ୍ୟକାରୀ ମାଲିକମାନେ ପ୍ରଶନ୍ନିତ ରହିବେ ଏମାନେ କାମ କରୁଥିବେ ଯେତେବେଳେ ସେମାନେ ନିଜ ହାତ ଟାଣିନେବେ ସେମାନେ ଆସ୍ତେ ଆସ୍ତେ ଦୁର୍ବଳ ହେବା ଆରମ୍ଭ କରିବେ । ଇସଲାମ ବିରୋଧୀ ଶକ୍ତିମାନଙ୍କର ମୂଳ ଲକ୍ଷ ମୁସଲମାନ ଦେଶମାନଙ୍କୁ ଦୁର୍ବଳ କରିବା ଥିଲା ଏବଂ ସେମାନଙ୍କର ସେହି ଆଶା ପୂରଣ ହୋଇଗଲା । ଏଥିରେ ସେମାନଙ୍କ ସହ ମୁସଲମାନ ଶାସକ ମୁଖ୍ୟମାନେ ମଧ୍ୟ ସାମିଲ ଅଛନ୍ତି । ଯେଉଁମାନେ ନିଜ ଆସନ ସୁରକ୍ଷିତ ରଖିବା ନିମନ୍ତେ ପ୍ରଜାମାନଙ୍କୁ ହତ୍ୟା କଲେ ଏବଂ ବର୍ତମାନ ମୁସଲମାନ ମୁସଲମାନ ପ୍ରତି ଶାନ୍ତି ଓ ସୁରକ୍ଷା ପ୍ରଦାନକାରୀ ସାବ୍ୟସ୍ତ ହେବା ପରିବର୍ତେ ତାହାର ଶତ୍ରୁ ସାଜିଛି । ପୁଣି ଏମାନେ ଅଣମୁସଲମାନ ରାଷ୍ଟ୍ରମାନଙ୍କୁ ମଧ୍ୟ ବରବାଦ୍ କରୁଛନ୍ତି । ଏହାର କାରଣ କିଛି ମଧ୍ୟ ହେଉ ନାକାହିଁକି ଯେତେବେଳେ ଜଣେ କୋମଳ ହୃଦୟୀ ମୁସଲମାନ ଏସବୁ ଦେଖିଥାଏ କି ସଂସାରରେ ନିରୀହ ଲୋକମାନଙ୍କୁ ହତ୍ୟା କରିବା ଓ ବିଭ୍ରାଟ, ବିଶୃଙ୍ଖଳା ସୃଷ୍ଟି କରିବା ପଛରେ କୌଣସି ମୁସଲମାନର ହାତ ରହିଛି ସେତେବେଳେ ତାହାର ହୃଦୟ ବ୍ୟଥିତ ଓ ଅସାନ୍ତ ହୋଇପଡ଼େ ।

ହଜୁର ଅନଓ୍ୱର ଅ.ବ କହିଲେ- ବିଗତ ଦିନ ଇଂଲଣ୍ଡର ମଂଚେଷ୍ଟରରେ ଅଯଥା ୨୨/୨୩ ଜଣ ଲୋକଙ୍କୁ ହତ୍ୟା କରିଦିଆଗଲା । ଯେଉଁମାନଙ୍କ ମଧ୍ୟରେ ନିରୀହ ପିଲାମାନେ ସାମିଲ ଥିଲେ । ଏହା ଅତ୍ୟନ୍ତ ଦୁଃଖଦ ଘଟଣା, ଯାହାକି କୌଣସି ପ୍ରକାରରେ ଇସଲାମୀୟ ଶିକ୍ଷା ମୁତାବକ ନୁହେଁ । ଏପରି ଘଟଣା ଦେଖି ଆମେ (ଅହେମଦି) ଅସ୍ତବ୍ୟସ୍ତ ହୋଇପଡୁ । ଅଲ୍ଲାଃତାଲା ସେହି ମୃତକଙ୍କ ସହ ଦୟା ଆଚରଣ କରନ୍ତୁ ଏବଂ ସେମାନଙ୍କ ପରିଜନଙ୍କୁ ଧୈର୍ଯ୍ୟ ପ୍ରଦାନ କରିବା ସହିତ ସେହି ଅତ୍ୟାଚାରୀମାନଙ୍କ ହାତକୁ କବଳିତ କରନ୍ତୁ ଯେ, ଇସଲାମ ନାମରେ ଖିଲାଫତ୍ ନାମରେ ଏଭଳି ହରକତ କରୁଛନ୍ତି । ସେହିପରି ମୁସଲମାନ ଦେଶମାନଙ୍କରେ ମଧ୍ୟ ଯେଉଁ ହତ୍ୟା, ଅନ୍ୟାୟ ଓ ଅତ୍ୟାଚାର ହେଉଅଛି, ସେସବୁ ମଧ୍ୟ ଧର୍ମରୁ ଦୂରେଇବା ଓ ଅଲ୍ଲାଃଙ୍କ ଆଦେଶପାଳନ ନକରିବାର ପରିଣାମ ଅଟେ । ଏସବୁ ଇସଲାମୀୟ ଶିକ୍ଷା ବିରୋଧୀ କାର୍ଯ୍ୟ ଅଟେ । ମୁସଲମାନ ପ୍ରଶାସକ ଅଣମୁସଲମାନ ପ୍ରଶାସକଙ୍କ ସାହାଯ୍ୟ ସହାୟତାରେ ମୁସଲମାନମାନଙ୍କ ଉପରେ ବୋମା ବିସ୍ଫୋରଣ କରି ହତ୍ୟା କରୁଛନ୍ତି ପୁଣି ଏସବୁକିଛି ଇସଲାମ ନାମରେ ଘଟାଯାଉଛି । ଏଥିରେ ସବୁଠାରୁ ଅଧିକ ବ୍ୟଥିତ ଅହେମଦିମାନେ ହୋଇଥାନ୍ତି, ଯେ ଇସଲାମର ପ୍ରେମ, ପରସ୍ପରକୁ ଭଲପାଇବା ଓ ଶାନ୍ତିର ବାର୍ତା ସଂସାରରେ ପରିବ୍ୟାପ୍ତ କରୁଛନ୍ତି ଏବଂ ଯେ ଖିଲାଫତ୍‌ର ହାତ ପଛରେ ରହି ଭୟପ୍ରଦ ଅବସ୍ଥାକୁ ଶାନ୍ତିପ୍ରଦ ଅବସ୍ଥାରେ ପରିଣତ ହେବାର ଦୃଶ୍ୟ ଦେଖୁଛନ୍ତି ।

ହଜୁର ଅନଓ୍ୱର ଅ.ବ କହିଲେ- *ଖିଲାଫତ୍ ନା ସାଂସାରିକ ଶକ୍ତି ଓ କ୍ଷମତା ଦ୍ୱାରା ଅର୍ଜନ ହୋଇଥାଏ ନା ମଣିଷର ଚାଲାକି, ଚତୁରତା ଦ୍ୱାରା ନା ନାମକୁ ମାତ୍ର ମୌଲବି ବୋଲାଉଥିବା ଲୋକମାନଙ୍କ ଏକତ୍ର ହୋଇ ପାରସ୍ପରିକ ସହମତି ପ୍ରକାଶ କରିବା ଦ୍ୱାରା, ଯେଭଳି କିଛି ବର୍ଷ ପୂର୍ବେ ମୁସଲମାନମାନେ*

ଏକତ୍ର ହୋଇ ନିଜର ଖଲିଫା ଚୟନ କଲେ, ଏଭଳି କୌଣସି ଖିଲାଫତ୍ ପ୍ରଚଳିତ ହୋଇନଥାଏ । ଖିଲାଫତର ବ୍ୟବସ୍ଥା (ଲୋକମାନଙ୍କ) ଭୟପ୍ରଦ ଅବସ୍ଥାକୁ ଶାନ୍ତିରେ ପରିଣତ କରିଥାଏ ଏବଂ ତାହା ଅଲ୍ଲାଃ ଓ ରସୁଲଙ୍କ କହିବା ମୁତାବକ ଅମଲ କଲେ ହିଁ ହାସଲ ହୋଇଥାଏ । ଯେପରିକି ପବିତ୍ର କୋରାନରେ ଅଲ୍ଲାଃ କହିଛନ୍ତି- **ଓ୍ୱ ଆଖରିନା ମିନ୍‌ହୁମ୍ ଲମ୍ମା ୟଲ୍‌ହକୁବିହିମ୍** ଯେତେବେଳେ ଏହି ପଙ୍‌କ୍ତି ଅବତୀର୍ଣ୍ଣ ହେଲା ଜଣେ ସାହାବି ହଜୁର ସ.ଆଙ୍କୁ ପଚାରିଲେ । ହେ ଅଲ୍ଲାଃଙ୍କ ରସୁଲ! ସେମାନେ କିଏ ଯେ ଆମ ସହିତ ଏପର୍ଯ୍ୟନ୍ତ ମିଳିନାହାନ୍ତି ତଥାପି ସାହାବାର ସ୍ତରକୁ ପ୍ରାପ୍ତ କରିନେଇଛନ୍ତି ? ହଜରତ ମହମ୍ମଦ ସ.ଆ ସଲମାନ ଫରାସୀଙ୍କ କାନ୍ଧ ଉପରେ ହାତ ରଖି କହିଲେ ଯଦି ବିଶ୍ୱାସ ସୁରୟା ତାରକା ନିକଟରେ ପହଂଚିଯାଏ ତେବେ ମଧ୍ୟ ଏମାନଙ୍କ ମଧ୍ୟରୁ କିଛି ଲୋକ ତାହାକୁ ସେଠାରୁ ଫେରାଇ ଆଣିବେ । ପୁଣି ଅନ୍ତିମ ଯୁଗରେ ସେହି ସାହାବାମାନଙ୍କ ସ୍ତର ସମ୍ବନ୍ଧରେ ଏକଦା ହଜୁର ସ.ଆ ସୂଚନା ଦେଲେ- ମୋର ସମ୍ପ୍ରଦାୟ ଏକ ଶୁଭଂକର ସମ୍ପ୍ରଦାୟ । ଜଣା ନାହିଁ ଏହାର ପ୍ରାରମ୍ଭିକ ଯୁଗ ଉତମ ଅଟେ ନା ଅନ୍ତିମ ଯୁଗ । ଅତଏବ ଏହି ଅନ୍ତିମ ଯୁଗ ମଙ୍ଗଳମୟ ହେବାର ସୁସମ୍ବାଦ ମଧ୍ୟ ହଜୁର ସ.ଆ ପ୍ରଦାନ କରିଛନ୍ତି । ଆଜି ବିଶ୍ୱାସକୁ ସଂସାରରେ ପ୍ରତିଷ୍ଠିତ କରିବା ନିମନ୍ତେ ହଜରତ ମହମ୍ମଦ ସ.ଆଙ୍କ ସଚ୍ଚୋଟ ଦାସଙ୍କ ପ୍ରଚଳିତ ବ୍ୟବସ୍ଥା (ଖିଲାଫତ୍) ବ୍ୟତୀତ କିଏ ଇସଲାମର ଶାନ୍ତି, ପ୍ରେମର ବାର୍ତା ସଂସାରରେ ପରିବ୍ୟାପ୍ତ କରୁଅଛି ।

ସୁତରାଂ ଏହି କାର୍ଯ୍ୟ ଆମକୁ କରିବାର ଅଛି ଧର୍ମର ଆଧୁନିକରଣ ଓ ବିଶ୍ୱାସକୁ ହାସଲ କରିବା ନିମନ୍ତେ ଏହି ଯୁଗରେ ପ୍ରତିଶ୍ରୁତ ମସିହ ଓ ମେହେଦିଙ୍କ ସହ ନିଜକୁ ଯୋଡ଼ିବାକୁ ହେବ ଯେ କି ଅନ୍ତିମ ଖଲିଫା ଅଟନ୍ତି । ଏଥିସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସ ଏକ ସ୍ଥାନରେ କୁହନ୍ତି- ଉକ୍ତ ପଙ୍‌କ୍ତିର ତାତ୍ପର୍ଯ୍ୟ ଏହି କି ଯେ, ଅଲ୍ଲାଃ ଯେ ଏଭଳି ସମୟରେ ଅବତାର ହଜରତ ମହମ୍ମଦ ସ.ଆଙ୍କୁ ପ୍ରେରଣ କଲେ ଯେତେବେଳେ କି ଲୋକେ ଜ୍ଞାନର ରହସ୍ୟ ଓ ଶିକ୍ଷାଠାରୁ ବହୁତ ଦୂରକୁ ଚାଲିଯାଇଥିଲେ । ଧାର୍ମିକ ଆଦେଶ, ମାନବ ଜାତିର ପୂର୍ଣ୍ଣତା, ମାନବର ମୌଳିକ ଆବଶ୍ୟକତା ଇତ୍ୟାଦିରୁ ସମ୍ପୂର୍ଣ୍ଣ ରୂପେ ଅଜ୍ଞାନ ଥିଲେ । ଲୋକେ ସମ୍ପୂର୍ଣ୍ଣ ରୂପେ ପଥଭ୍ରଷ୍ଟ ହୋଇଯାଇଥିଲେ ସେତେବେଳେ ଅଲ୍ଲାଃ ନିଜର ଉମ୍ମି (ଅସିକ୍ଷିତ) ରସୁଲଙ୍କୁ ପ୍ରେରଣ କଲେ । ସେ ପଥଭ୍ରଷ୍ଟ ଲୋକମାନଙ୍କୁ ପବିତ୍ର କରି ଜ୍ଞାନ ରୂପକ ସାର ପ୍ରଦାନ କଲେ ଏବଂ ଅଲ୍ଲାଃଙ୍କୁ ଚିହ୍ନିବାର ଆଲୋକରେ ସେମାନଙ୍କ ହୃଦୟକୁ ଆଲୋକିତ କଲେ ଏବଂ କହିଲେ ଆଉ ଏକଦଳ ରହିଛି ଯେ ଅନ୍ତିମ ଯୁଗରେ ଆର୍ବିଭାବ ହେବ । ସେମାନେ ମଧ୍ୟ ପ୍ରଥମେ ଅନ୍ଧାର ଓ ପଥଭ୍ରଷ୍ଟ ହୋଇଥିବେ, ଜ୍ଞାନ ଓ ବିଶ୍ୱାସରୁ ଦୂରରେ ରହିଥିବେ କିନ୍ତୁ ଅଲ୍ଲାଃ ସେମାନଙ୍କୁ ମଧ୍ୟ ସାହାବାଙ୍କ ରଙ୍ଗରେ ରଙ୍ଗେଇଦେବେ ଅର୍ଥାତ ସାହାବାମାନେ ଯେଉଁ ନିଦର୍ଶନମାନ ଦେଖିଲେ ସେମାନେ ମଧ୍ୟ ତାହା ଦେଖିନେବେ । ଏପରିକି ସେମାନଙ୍କ ସଚ୍ଚୋଟତା ଓ ବିଶ୍ୱାସ ସାହାବାଙ୍କ ସମତୁଲ୍ୟ ହୋଇଯିବ

ସୁତରାଂ ହଜରତ ମସିହ ମଉଦ ଆ.ସ ଆବିର୍ଭୂତ ହୋଇ ପୁର୍ନବାର ଇସଲାମର ଚାରା ରୋପଣ କଲେ । ଆପଣଙ୍କ ସାଥିମାନେ ଆପଣଙ୍କ ସଙ୍ଗତ ଯୋଗୁଁ ଧର୍ମର ଆଲୋକରେ ଆଲୋକିତ ହେଲେ ଏବଂ ବିଭିନ୍ନ ନିଦର୍ଶନମାନ ସ୍ୱଚକ୍ଷୁରେ ଦେଖିନେଲେ । ଆଜି ମଧ୍ୟ ଅନେକ ଏପରି ଅଛନ୍ତି ଯେ ଅନ୍ଧାରରୁ ବାହାରି ଆଲୋକ ପ୍ରାପ୍ତ କରୁଛନ୍ତି ଏବଂ ନିଦର୍ଶନମାନ ଦେଖି ଜମାଅତର ଅନ୍ତର୍ଭୁକ୍ତ ହେଉଛନ୍ତି ।

ହଜୁର ଅନଓ୍ୱର ଅ.ବ କହିଲେ- ଆଜି ଆମ ସମ୍ମୁଖରେ ଉପଦ୍ୱୀପର ଉଦାହରଣ ରହିଛି । ଦେଖ ସେମାନେ କୌଣସି ପୁରୁଣା ଜମାଅତ ନୁହଁନ୍ତି କିନ୍ତୁ ସେମାନେ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରି ଆଖରୀନ୍‌ମାନଙ୍କ ମଧ୍ୟରେ ସାମିଲ ହୋଇଗଲେ ଏବଂ ଖଲିଫାଙ୍କର ଆଜ୍ଞାକାରୀ ହେବା ଦ୍ୱାରା ଅଲ୍ଲାଃଙ୍କ କୃପାରୁ ସେମାନେ ବିଶ୍ୱାସର ଶୀର୍ଷକୁ ସ୍ପର୍ଶ କରିପାରିଛନ୍ତି । ସେଠାକାର ବନ୍ଦୀ ଜୀବନ ଅତିବାହିତ କରିଥିବା ଅହେମଦିମାନଙ୍କ ବିଶ୍ୱାସର ସ୍ତର ସେମାନଙ୍କ ପତ୍ର ଦ୍ୱାରା ଜଣାଯାଉଛି ଯେପରିକି ଜଣେ କଏଦୀ ମୋତେ ଲେଖିଲେ କି ଆମ୍ଭେ ଅଲ୍ଲାଃଙ୍କର ଅଶେଷ କୃତଜ୍ଞ ଯେ, ସେ ଆମ୍ଭକୁ ପ୍ରକୃତ ଇସଲାମ ଦ୍ୱାରା ପୁରସ୍କୃତ କଲେ । ଯାହାକି ଆମକୁ ପ୍ରକୃତ ଜୀବନ ପ୍ରଦାନ କଲା । ପୁଣି **ବୁନୟାନୁମ୍ ମରସୁସ୍** କରି ତାଙ୍କର ପ୍ରୀତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ ପରସ୍ପରକୁ ପ୍ରେମ କରିବା ଓ ଖଲିଫାଙ୍କ ହାତରେ ଏକତ୍ରିତ ହେବାର ଶକ୍ତି ପ୍ରଦାନ କଲେ । ସେ ମୋତେ ସମ୍ବୋଧନ କରି ଲେଖିଛନ୍ତି ହେ ଆମ୍ଭର ସରଦାର ! ଅଲ୍ଲାଃଙ୍କ ମାର୍ଗରେ କାରାବରଣ ଭୋଗିବା ପରେ ସମଗ୍ର ପୃଥିବୀରୁ ଅହେମଦି ଭାଇ ଏଠାକୁ ଆସି ଆମ ସହ ସାକ୍ଷାତ କରୁଛନ୍ତି । କାରାବରଣ ଭୋଗ କରିବା ସତ୍ତ୍ୱେ ଅଲ୍ଲାଃଙ୍କର ବିଶେଷ ସାହାଯ୍ୟ ଓ ପ୍ରଶନ୍ନତାର ଦୃଶ୍ୟ ଦେଖି ଆମେ ଉତ୍ସାହିତ । ପ୍ରତ୍ୟେକ ଏଥିରେ ଏକମତ ଯେ, ଏକେଶ୍ୱରବାଦର ଘୋଷଣାକାରୀ ନିମନ୍ତେ ପ୍ରୟାସ ଓ ଦୁଆ ଅବ୍ୟାହତ ରଖିବା ଜରୁରୀ ଅଟେ । ଆମ୍ଭ ଉପରେ ଯେଭଳି କଠୋରତା ଅବଲମ୍ବନ କରାଯାଉ ନା କାହିଁକି ଏକେଶ୍ୱରବାଦର ପ୍ରସାର ନିମନ୍ତେ ଆମେ ନିଜର ପ୍ରୟାସ ଅବ୍ୟାହତ ରଖିବା ସହିତ ଅଲ୍ଲାଃଙ୍କର ସାହାଯ୍ୟ ଭିକ୍ଷା କରିଚାଲିବୁ । ସେ ଲେଖିଛନ୍ତି ଏହି ପରୀକ୍ଷାରେ ଆମେ ଆପଣଙ୍କ ଦୁଆ ସ୍ୱୀକାର ହେବାର ନିଦର୍ଶନ ସ୍ୱଚକ୍ଷୁରେ ଦେଖିଲୁ । ଦେଖ ଉପଦ୍ୱୀପରେ ବସବାସ କରୁଥିବା ଦୁର୍ବଳ ଅହେମଦିମାନଙ୍କ ଉପରେ ଅଲ୍ଲାଃଙ୍କ କୃପା ବର୍ଷଣ ହେଉଅଛି । ହଜୁର ଅନଓ୍ୱର ଅ.ବ କହିଲେ ସେଠାରେ କିଛି କଏଦୀମାନଙ୍କୁ (ପ୍ରଶାସନ) ମୁକ୍ତ କରିଦେଇଛି । ଅଲ୍ଲାଃତାଲା ବାକି ଅହେମଦି କଏଦୀମାନଙ୍କୁ ମଧ୍ୟ ଶିଘ୍ର ମୁକ୍ତ କରିବାର ବ୍ୟାବସ୍ଥା କରିଦିଅନ୍ତୁ

ଆଉ ଜଣେ କଏଦୀ ଲେଖିଛନ୍ତି କାରାବରଣ ଭୋଗ କରିବା ସମୟରେ ମୁଁ ବୁଝିପାରିଲି ଯେ ଏସବୁ ଅଲ୍ଲାଃଙ୍କ ଇଚ୍ଛା ମୁତାବକ ଘଟୁଛି ଅର୍ଥାତ ଆମ୍ଭକୁ କଏଦ କରି ଯେଉଁ ଦଣ୍ଡ ଦିଆଗଲା, ମୁକଦ୍ଦମା ହେଲା ସେସବୁ ଅଲ୍ଲାଃଙ୍କ ଧାର୍ଯ୍ୟ ବିଧାନ ମୁତାବକ ଥିଲା । ଯଦ୍ଦ୍ୱାରା ସେ ଆମକୁ ନିଜର ଅସାଧାରଣ ନିଦର୍ଶନ ମଧ୍ୟରୁ କିଛି ଦେଖାଇବା ଉଦ୍ଦେଶ୍ୟ ଥିଲା । ସେ କହିଲେ ଯେତେବେଳେ ଆମେ ସ୍ୱାଧୀନ ଓ ଆରାମରେ ଥିଲୁ ସେତେବେଳେ ଧର୍ମ ପ୍ରଚାର କ୍ଷେତ୍ରରେ ଯେଭଳି ସଫଳତା ହାସଲ କରିଥିଲୁ ସେଥିରେ ଆମେ ମନେକରୁଥିଲୁ କି ଆମେ ଅଲ୍ଲାଃଙ୍କୁ ଦେଖିନେଲୁ ଓ ତାଙ୍କ ମାର୍ଗ ଚିହ୍ନିନେଲୁ କିନ୍ତୁ ବର୍ତମାନ ଜଣିପାରିଲୁ ଯେ ପ୍ରଥମେ ଅଲ୍ଲାଃଙ୍କୁ ଖୁବ୍ କମ୍ ଦେଖିଥିଲୁ, ତାହାର ପ୍ରକୃତ ନମୁନା ତ ଏବେ ଦେଖିଲୁ । ସେ ଲେଖିଛନ୍ତି ଏହି ଅବଧିରେ ମୁଁ ସ୍ୱପ୍ନରେ ଆପଣଙ୍କ ସହ ସାକ୍ଷାତ କଲି ଏବଂ ଆପଣଙ୍କ ଦୁଆ ଓ ଆମ୍ଭର ବିଶ୍ୱାସ ଆମ୍ଭକୁ କାରାଗାରରେ ସାନ୍ତ୍ୱନା ପ୍ରଦାନ କରୁଥିଲା । ଆମ୍ଭର ମୁକାବିଲା ନିଶ୍ଚିତ ରୂପେ ଆପଣଙ୍କର ଓ ନିଷ୍ପାପର ଅହେମଦିମାନଙ୍କ ଦୁଆର ପରିଣାମ ଅଟେ । ହଜରତ ମସିହ ମଉଦ ଆ.ସଙ୍କ ପ୍ରଚଳିତ ଖିଲାଫତ୍ ବ୍ୟବସ୍ଥା ଦ୍ୱାରା ଆମମାନଙ୍କୁ ସନ୍ତୋଷ ପ୍ରାପ୍ତି ହେଉଅଛି । ଆମମାନଙ୍କୁ ଭୟଭୀତ କରିବା ନିମନ୍ତେ ବିରୋଧୀମାନେ ଯେଭଳି କାର୍ଯ୍ୟ କରୁଥିଲେ ଅଲ୍ଲାଃତାଲା ନିଜ କୃପା ବଳରେ ଖିଲାଫତ୍ ସହ ଯୋଡ଼ି ହୋଇ ରହିବା ଫଳରେ ସେଥିରୁ ସେ ଆମ ପାଇଁ

ସନ୍ତୋଷ ପ୍ରାପ୍ତିର ବ୍ୟବସ୍ଥା କରିଦେଉଥିଲେ ।

ହଜୁର ଅନୱର ଅ.ବ କହିଲେ- ଉପଦ୍ୱୀପରେ ଥିବା ଏହି ଛୋଟ ଜମାଅତ ନିଜ ପରୀକ୍ଷା ସମୟରେ ଯେଉଁଭଳି ପ୍ରଦର୍ଶନ କରିଛନ୍ତି ନିଶ୍ଚିତ ରୂପେ ତାହା ସେମାନଙ୍କ ଦୃଢ ବିଶ୍ୱାସର ପ୍ରମାଣ ଦେଉଛି । ସେମାନଙ୍କ ମନର ଅବସ୍ଥା ଏହି ଦୁଇ ପତ୍ରରୁ ସ୍ପଷ୍ଟ ବୁଝିହେଉଛି । ହଜୁର କହିଲେ ସେମାନଙ୍କ ମଧ୍ୟରୁ ଜଣେ ଦୁଇ ଜଣଙ୍କୁ ବାଦ ଦେଲେ କେହି ହେଲେ ମୋ ସହ ସାକ୍ଷାତ କରିନାହାନ୍ତି କିନ୍ତୁ ସେମାନଙ୍କର ବିଶ୍ୱାସର ପୂର୍ଣ୍ଣତା ସେମାନଙ୍କୁ ସନ୍ତୋଷ ପ୍ରାପ୍ତି କରିବାର ବ୍ୟବସ୍ଥା କରିଦେଉଛି । ଯେଉଁଭଳି ହଜରତ ମସିହ ମଉଦ ଆ.ସଙ୍କ ସମୟରେ ଆପଣଙ୍କ ନିକଟବର୍ତୀମାନେ ସନ୍ତୋଷ ଲାଭ କରୁଥିଲେ । ଏସବୁକିଛି ଏଥିପାଇଁ ହେଉଛି ଯେ, ଅଲ୍ଲାଃଙ୍କର ହଜୁର ଆ.ସଙ୍କ ସହ ପ୍ରତିଶ୍ରୁତି ରହିଛି ଯେ ଆପଣଙ୍କ ଅନ୍ତେ ପ୍ରକୃତିର ଦ୍ୱିତୀୟ ବ୍ୟବସ୍ଥା ଅର୍ଥାତ ଖିଲାଫତ୍ ମାଧ୍ୟମରେ ଆପଣଙ୍କ ମିଶନକୁ ସ୍ୱୟଂ ଅଲ୍ଲାଃ ପୂରଣ କରିବେ ଏବଂ ଇସଲାମକୁ ସେ ପୁର୍ନବାର ଜୟଯୁକ୍ତ କରାଇବା ସହିତ ମାନ୍ୟକାରୀମାନଙ୍କୁ ସନ୍ତୋଷ ପ୍ରଦାନ କରିବେ । ସୁତରାଂ ହଜରତ ମସିହ ମଉଦ ଆ.ସ ପତ୍ରୀକା ଅଲ୍ ୱସିୟତ୍‌ରେ ନିଜର ଦେହାନ୍ତ ଓ ଖିଲାଫତ୍ ମାଧ୍ୟମରେ ଜମାଅତର ଉନ୍ନତି ସମ୍ବନ୍ଧରେ ବର୍ଣ୍ଣନା କରି କୁହନ୍ତି-

ହେ ପ୍ରିୟଜନ ! ପ୍ରାରମ୍ଭରୁ ଅଲ୍ଲାଃଙ୍କର ଏହି ସୁନ୍ନତ ଚାଲିଆସିଛି ଯେ, ଅଲ୍ଲାଃ ଦୁଇ ଗୋଟି ନିଦର୍ଶନ ଦେଖାଇଥାନ୍ତି । ଯଦ୍ୱାରା ବିରୋଧୀମାନଙ୍କ ଦୁଇ ଗୋଟି ମିଛ ଆନନ୍ଦକୁ ପଣ୍ଡ କରି ଦେଖାଇବେ । ସୁତରାଂ ବର୍ତମାନ ସମ୍ଭବ ନୁହେଁ କି ସେ ନିଜର ପୁରାତନ ପ୍ରଥାକୁ ବଦଳାଇଦେବେ । ଅତଏବ ତୁମେ ମୋ (ଦେହାନ୍ତର) ଖବର ଶୁଣି ଦୁଃଖରେ ଭାଙ୍ଗିପଡ଼ ନାହିଁ । କାରଣ ତୁମ ପାଇଁ ଦ୍ୱିତୀୟ ନିଦର୍ଶନ ଦେଖିବା ମଧ୍ୟ ଜରୁରୀ ଅଟେ । ତାହାର ଆସିବା ତୁମମାନଙ୍କ ପାଇଁ ମଙ୍ଗଳମୟ । କାରଣ ତାହା ଚିରସ୍ଥାୟୀ ଏବଂ ତାହା ଅନ୍ତିମ ଦିବସ ପର୍ଯ୍ୟନ୍ତ ଅବ୍ୟାହତ ରହିବ କିନ୍ତୁ ତାହା ଆସିବ ନାହିଁ ଯେପର୍ଯ୍ୟନ୍ତ ମୁଁ ଏହି ଧରା ପୃଷ୍ଠରୁ ବିଦାୟ ନେଇ ନାହିଁ । ଯେତେବେଳେ ମୁଁ ଚାଲିଯିବି ଅଲ୍ଲାଃ ତୁମମାନଙ୍କ ପାଇଁ ତାହାକୁ ପ୍ରେରଣ କରିଦେବେ । ଯାହାକି ଚିରକାଳ ପର୍ଯ୍ୟନ୍ତ ତୁମ ସହିତ ରହିବ, ଯେପରିକି **ବରାହିନେ ଅହେମଦିୟା** (ପୁସ୍ତକ)ରେ ଅଲ୍ଲାଃଙ୍କର ଅଙ୍ଗୀକାର ରହିଛି ଏବଂ ଉକ୍ତ ଅଙ୍ଗୀକାର ମୋ ସହିତ ନୁହେଁ ବରଂ ତୁମମାନଙ୍କ ସହ ଅଟେ । ଯେପରିକି ଅଲ୍ଲାଃ କହିଛନ୍ତି ମୁଁ ଏହି ଜମାଅତର ସଦସ୍ୟମାନଙ୍କୁ ପ୍ରଳୟକାରୀ ଦିବସ ପର୍ଯ୍ୟନ୍ତ ଅନ୍ୟମାନଙ୍କ ଉପରେ ବିଜୟ ପ୍ରଦାନ କରିଚାଲିଥିବି ।

ହଜୁର ଅନୱର ଅ.ବ କହିଲେ- ଅସୁବିଧାର ସମ୍ମୁଖୀନ ହେବ, ପରୀକ୍ଷା ମଧ୍ୟ ନିଆଯିବ କିନ୍ତୁ ଶେଷରେ ବିଜୟ ଜମାଅତ ଅହେମଦିୟାର ହିଁ ହେବ ଇନ୍ନଶା ଅଲ୍ଲାଃ । ହଜରତ ମସିହ ମଉଦ ଆ.ସଙ୍କ ମାଧ୍ୟମରେ ପ୍ରଚଳିତ ଖିଲାଫତ୍‌ର ସୁବ୍ୟବସ୍ଥା ହିଁ ପ୍ରକୃତ ବ୍ୟବସ୍ଥା, ଯାହା ସହିତ ଉନ୍ନତି ଓ ବିକାଶ ସଂଶ୍ଲିଷ୍ଟ ଏବଂ ଏତତ୍ ଦ୍ୱାରା ହିଁ ସଂସାରର ଶାନ୍ତି ଓ ସୁରକ୍ଷା ଫେରିପାରିବ । ଏହି ବ୍ୟବସ୍ଥା ଦ୍ୱାରା ହିଁ ଇସଲାମର ଶ୍ରେଷ୍ଠତା ଓ ବିଜୟ ସମଗ୍ର ସଂସାରରେ ପ୍ରମାଣିତ ହେବ । ଅତଏବ ଏଥିସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସ କୁହନ୍ତି ଅଲ୍ଲାଃତାଲା ଦୁଇ ପ୍ରକାରର ନିଦର୍ଶନ ଦେଖାଇଥାନ୍ତି ପ୍ରଥମ ନବୀଙ୍କ ମାଧ୍ୟମରେ ଏବଂ ଦ୍ୱିତୀୟ ଏପରି ଅବସ୍ଥାରେ ଯେତେବେଳେ କି ଅବତାରଙ୍କ ଦେହାନ୍ତ ଫଳରେ ଚତୁପାର୍ଶ୍ୱରେ ଶୋକର ଲହରି ଖେଳିଯାଇଥାଏ । ପୁଣି ଏପରି ଦୁଃଖଦ ସମୟରେ ଶତ୍ରୁ ବଳବାନ ହୋଇଉଠେ ଓ ମନେକରିଥାଏ କି ବର୍ତମାନ ଏହି ଜମାଅତର ଅନ୍ତ ସୁନିଶ୍ଚିତ ଏବଂ ସ୍ୱୟଂ ଜମାଅତର ମାନ୍ୟକାରୀମାନେ ମଧ୍ୟ ଦ୍ୱନ୍ଦରେ ପଡ଼ିଯାଇଥାନ୍ତି ଓ ସେମାନଙ୍କର ଅଣା ଭାଙ୍ଗିଯାଇଥାଏ । ପୁଣି ଅନେକ ଅଭାଗା ଧର୍ମ ପରିବର୍ତନ କରି ଫେରିଯାଇଥାନ୍ତି ସେତେବେଳେ ଅଲ୍ଲାଃତାଲା ଅତ୍ୟନ୍ତ ଦୃଢତାର ସହିତ ଦ୍ୱିତୀୟ ନିଦର୍ଶନ ଦେଖାଇଥାନ୍ତି ଏବଂ ନିମ୍ନଗାମୀ ଜମାଅତକୁ ସମ୍ଭାଳି ନେଇଥାନ୍ତି । **ସୁତରାଂ ଯେ ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟ ରକ୍ଷା କରିଥାଏ, ଅଲ୍ଲାଃ ତାହାକୁ ନିଜର ନିଦର୍ଶନ ଦେଖାଇଥାନ୍ତି, ଯେପରିକି ହଜରତ ଅବୁବକର ର.ଆଙ୍କ ସମୟରେ ଦେଖାଇଲେ ।**

ହଜୁର ଅନୱର ଅ.ବ କହିଲେ- ହଜରତ ମସିହ ମଉଦ ଆ.ସଙ୍କ ଦେହାନ୍ତ ପରେ ଜମାଅତକୁ ଏକ ବଡ଼ ଝଟକା ଲାଗିଥିଲା କିନ୍ତୁ ଅଲ୍ଲାଃତାଲାଙ୍କର ଅଶେଷ ଦୟା ସେ ପ୍ରଥମ ଖଲିଫାଙ୍କ ମାଧ୍ୟମରେ ଜମାଅତକୁ ସମ୍ଭାଳି ନେଲେ । ପୁଣି ପ୍ରଥମ ଖଲିଫାଙ୍କ ଦେହାନ୍ତରେ ମଧ୍ୟ ଜମାଅତକୁ ଆଉ ଏକ ଝଟକା ଲାଗିଲା ଓ ଅତ୍ୟନ୍ତ ଭୟଙ୍କର ପରିସ୍ଥିତ ଉପୁଜିଲା । କିନ୍ତୁ ଶେଷରେ ପରିଣାମ କ'ଣ ହେଲା ଖିଲାଫତ୍ ହିଁ ଜୟଯୁକ୍ତ ହେଲା ଏବଂ ଜମାଅତ ଉନ୍ନତିର ନୂତନ ସୋପାନମାନ ଆରୋହଣ କରିଚାଲିଲା । ପୁଣି ତୃତୀୟ ଖଲିଫାଙ୍କ ସମୟ ଅସିଲା ସେତେବେଳେ ମଧ୍ୟ ସମାନ ପରିସ୍ଥିତି ଉତ୍ପନ୍ନ ହୋଇଥିଲା, ତଥାପି ଅଲ୍ଲାଃଙ୍କ କୃପା ଫଳରେ ପ୍ରଶାସନର ଭୟଙ୍କର ଯୋଜନା ପଣ୍ଡ ହୋଇଗଲା ଏବଂ ଜମାଅତ ଉନ୍ନତି ପଥରେ ଅଗ୍ରସର ହୋଇଚାଲିଲା । ଚତୁର୍ଥ ଖଲିଫାଙ୍କ ସମୟରେ ପାକିସ୍ତାନର ପ୍ରଶାସନ ଆହୁରି ଅଧିକ କଠୋରତା ଅବଲମ୍ବନ କରିଥିଲା କିନ୍ତୁ ସେତେବେଳେ ଅଲ୍ଲାଃ ଆମକୁ ସନ୍ତୋଷ ପ୍ରଦାନ କରିବାର ବିଶେଷ ବ୍ୟବସ୍ଥା କରିଦେଲେ । ଜମାଅତ ନୂତନ ଲକ୍ଷ ହାସଲ କରିବା ସହିତ ପ୍ରଚାରର ନୂତନ ମାର୍ଗ ଖୋଲିଚାଲିଲା ଅର୍ଥାତ Satellite ମାଧ୍ୟମରେ ଜମାଅତର ପ୍ରଚାର ହେଲା ଏବଂ ପଂଚମ ଖଲିଫାଙ୍କ ସମୟରେ ଏହା ଦିନକୁ ଦିନ ଆହୁରି ପ୍ରଶସ୍ତ ହେଇଚାଲିଛି । ଜମାଅତର ବାର୍ତା ସହସ୍ରରୁ ଲକ୍ଷାଧିକ ତଥା କୋଟି କୋଟି ଜନଙ୍କ ନିକଟରେ ପହଂଚୁଛି । ବର୍ତମାନ ଗୋଟିଏ ଦେଶରୁ ବିରୁଦ୍ଧାଚରଣ ବାହାରି ଅନେକ ଦେଶରେ ହେବା ଆରମ୍ଭ ହେଲାଣି ଏବଂ ଏହା ହିଁ ଅହେମଦିୟତର ସତ୍ୟତାର ପ୍ରମାଣ ଓ ବିକାଶର ଚିହ୍ନ ଅଟେ । ଲୋକମାନଙ୍କୁ ଅହେମଦିୟତରୁ ହଟେଇବା ପାଇଁ ପ୍ରଚେଷ୍ଟା ହେଉଥିବା ବେଳେ ଅଲ୍ଲାଃ ନିଜ ଅଙ୍ଗୀକାର ମୁତାବକ ଉନ୍ନତିର ପଥ ଖୋଲି ଦେଇଛନ୍ତି । ଏସମସ୍ତ ତଥ୍ୟ ପ୍ରମାଣିତ କରୁଅଛି ଯେ, ଅସ୍ଥାୟୀ ପ୍ରତିବନ୍ଧକ ସତ୍ତ୍ୱେ ଇସଲାମର ଜୟ **ଇନ୍‌ଶା ଅଲ୍ଲାଃ** ହଜରତ ମସିହ ମଉଦ ଆ.ସ ଏବଂ ଆପଣଙ୍କ ମାଧ୍ୟମରେ ପ୍ରଚଳିତ ଖିଲାଫତ୍ ବ୍ୟବସ୍ଥା ମାଧ୍ୟମରେ ହେବ । ବିରୋଧୀମାନେ ଯେଉଁଭଳି ଇଚ୍ଛା, ପ୍ରୟାସ ଓ ଯୋଜନା କରନ୍ତୁ ନା କାହିଁକି ସେମାନଙ୍କ ଭାଗରେ ପରାଜୟ ଓ ଅସଫଳତା ଲେଖାରହିଛି । ଅଲ୍ଲାଃ ପ୍ରତ୍ୟେକ ଅହେମଦିଙ୍କୁ ନିଜ ବିଶ୍ୱାସକୁ ସୁଦୃଢ କରିବା ସହିତ ଉତମ ଅମଲ ଓ ନିଜ ଉପାସନାର ସ୍ତର ବୃଦ୍ଧି କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଯଦ୍ୱାରା ଆମ୍ଭେ ସର୍ବଦା ଧାର୍ଯ୍ୟ ଉନ୍ନତିର ଅଂଶିଦାର ହୋଇପାରିବା ।

ଖୁତବାର ଶେଷରେ ହଜୁର ଅନୱର ଅ.ବ ଚୌଧରୀ ହମିଦ ଅହେମଦ ସାହେବ ପିତା ଶ୍ରୀମାନ ଚୌଧରୀ ମହମ୍ମଦ ସୋଲେମାନ ଅଖ୍ତର ସାହେବ ଇଂଲଣ୍ଡ ନିବାସୀଙ୍କର ଜାନଯାଃ ପାଠ କରିବାର ଘୋଷଣା କଲେ । ଯେ ଚଳିତ ମାସ ୨୦ ତାରିଖ ଦିନ ୪୨ବର୍ଷ ବୟସରେ ଦେହତ୍ୟାଗ କଲେ **ଇନ୍ନ ଲିଲ୍ଲାହି ୱ ଇନ୍ନା ଇଲେହି ରାଜେଉନ୍** ।

# ଖୁତ୍‌ବା ଜୁମା

- ଆମ ଜୀବନରେ ରମଜାନର ଆସିବା ଏବଂ ଅଲ୍ଲାଃଙ୍କର କହିବା କି ରମଜାନ ଏଥିପାଇଁ ଆସିଥାଏ କି ତୁମେ ମୋତେ ଭୟ କର । ପୁଣି ହଜରତ ମସିହ ମଉଦ ଆ.ସ ମଧ୍ୟ ଦର୍ଶାଇଛନ୍ତି ଯେ, ଅଲ୍ଲାଃତାଲା ଏହି ଜମାଅତକୁ ନିଜ ଭିତରେ ତାଙ୍କର ଭୟ ପୋଷଣ କରିବା ନିମନ୍ତେ ଗଠନ କରିଛନ୍ତି । ସୁତରାଂ ଆମର କର୍ତ୍ତବ୍ୟ ଯେ, ଆମେ ପ୍ରତ୍ୟେକ ମୁହୂର୍ତ୍ତରେ ନିଜର ନିରୀକ୍ଷଣ କରିବା ସହିତ (ରମଜାନର) ଏହି ବିଶେଷ ଦିନଗୁଡ଼ିକରେ ନିଜ ଭିତରେ ଏଭଳି ପବିତ୍ର ପରିବର୍ତ୍ତନ ସୃଷ୍ଟି କରିବା ଓ ଈଶ୍ୱର ଭୟର ସ୍ତର ବୃଦ୍ଧି କରିବାକୁ ଚେଷ୍ଟା କରିବା ଯାହାକି ଅଲ୍ଲାଃତାଲା ଆମଠାରୁ ଆଶା ବାନ୍ଧିଛନ୍ତି ।
- ଅଲ୍ଲାଃତାଲାଙ୍କ କୃପାରୁ ଆମେ ଆଉ ଏକ ରମଜାନରୁ ଉପକୃତ ହେବାକୁ ଯାଉଅଛେ । ହଜରତ ମସିହ ମଉଦ ଆ.ସ କୁହନ୍ତି- ନିଃସନ୍ଦେହ ସ୍ୱର୍ଗକୁ ରମଜାନ ନିମନ୍ତେ ବର୍ଷ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସୁସଜ୍ଜିତ କରାଯାଇଥାଏ । ଏହିପରି ଆଉ ଏକ ହଦିସରେ ହଜୁର ସ.ଆ କୁହନ୍ତି- ଯେଉଁ ବ୍ୟକ୍ତି ରମଜାନର ରୋଜା ବିଶ୍ୱାସର ସହିତ ନିଜର ନିରୀକ୍ଷଣ କରି ରଖିଥାଏ, (ଅଲ୍ଲାଃ) ତାହାର ବିଗତ ପାପ କ୍ଷମା କରିଦେଇଥାନ୍ତି ଏବଂ ଯଦି ତୁମେ ଜାଣି ନିଅ କି ରମଜାନର ଉପକାରିତା କେତେ ଅଧିକ ତେବେ ତୁମେ ଆଗ୍ରହ ପ୍ରକାଶ କରିବ ଯେ, ସାରା ବର୍ଷ ରମଜାନ ହୁଅନ୍ତା କି ।
- ହଜୁର ଆ.ସ କୁହନ୍ତି ଆମ ନିମନ୍ତେ ସବୁଠାରୁ କଷ୍ଟ ସାଧ୍ୟ କାର୍ଯ୍ୟ ଅଲ୍ଲାଃଙ୍କୁ ଚିହ୍ନିବା ଅଟେ । ଯଦି ଆମେ ଏଥିରେ ଅସଫଳ କିମ୍ବା ଦ୍ୱନ୍ଦରେ ଅଛେ ଅବା ପରିଷ୍କାର ରୂପେ ଅଲ୍ଲାଃଙ୍କୁ ଦେଖିପାରୁ ନାହେଁ ତେବେ ଆମର ବିଶ୍ୱାସ କଦାପି ଆଲୋକିତ ଓ ତେଜସ୍ୱୀ ହୋଇପାରିବ ନାହିଁ । ସୁତରାଂ ଅଲ୍ଲାଃଙ୍କୁ କିଭଳି ଚିହ୍ନିବା ? ଏହା କେବଳ ଅଲ୍ଲାଃଙ୍କ ଦୟା ଲାଭ ହେଲେ ସମ୍ଭବ । ଅଲ୍ଲାଃଙ୍କ ସହ ଏଭଳି ସମ୍ପର୍କ ସ୍ଥାପନ କରିବା ଯେଉଁଥିରେ ତାଙ୍କର ଦୟା, କୃପା ଓ ସମସ୍ତ ଶକ୍ତି ସଂକ୍ରାନ୍ତରେ ଆମେ ଅବଗତ ହୋଇପାରିବା ଏବଂ ଏହା ସେତେବେଳେ ସମ୍ଭବ ଯେତେବେଳେ ଆମେ ତାଙ୍କର ଉପାସନା କରିବା ଓ ତାଙ୍କ ସହ ନିବିଡ଼ ସମ୍ପର୍କ ସ୍ଥାପନ କରିବା ।
- ଶ୍ରୀମାନ ଖ୍ୱାଜା ଅହମଦ୍ ହୁସେନ୍ ସାହେବ ଦରୱେଶ୍ ସୁପୁତ୍ର ଶ୍ରୀମାନ୍ ମହମ୍ମଦ୍ ହୁସେନ୍ ମର୍‌ହୁମ୍ ସାହେବ୍ କାଦିଆନଙ୍କର ନମାଜ ଜନାଯାଃ ଗାଏବ ପାଠ ।

## ସାରାଂଶ ଖୁତ୍‌ବା ଜୁମା: ସୟଦନା ହଜରତ ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍ତ: ୦୨ ଜୁନ୍ ୨୦୧୭ ଅନୁଯାୟୀ ୦୨ ଏହ୍‌ସାନ୍ ୧୩୯୬ ହି.ଶ)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعَالَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନୱର ଅ:ବ ନିମ୍ନ ପଙ୍କ୍ତି ପାଠ କଲେ – **ୟାଅୟୁହଲ୍ ଲଜିନା ଆମନୁ କୁତିବା ଆଲୈକୁମୁସ୍ ସିୟାମୁ କମା କୁତିବା ଅଲଲ୍ ଲଜିନା ମିନ୍ କବ୍‌ଲିକୁମ୍ ଲାଅଲ୍‌ଲକୁମ୍ ତତ୍‌ତକୁନ୍** ଅର୍ଥାତ ହେ ବିଶ୍ୱାସକାରୀମାନେ ! ତୁମମାନଙ୍କ ପାଇଁ ରୋଜା ରଖିବା ସେହିପରି ଧାର୍ଯ୍ୟ କରାଯାଇଛି ଯେପରି ତୁମମାନଙ୍କ ପୂର୍ବବର୍ତ୍ତୀ ଲୋକମାନଙ୍କ ନିମନ୍ତେ ଧାର୍ଯ୍ୟ କରାଯାଇଥିଲା । ଫଳରେ ତୁମେମାନେ ଅଧାର୍ମିକ ଓ ନୈତିକ ଦୁର୍ବଳତାଜନିତ ତ୍ରୁଟିରୁ ରକ୍ଷା ପାଇବ ।

ଅଲ୍ଲାଃତାଲାଙ୍କ କୃପାରୁ ଆମେ ଆଉ ଏକ ରମଜାନରୁ ଉପକୃତ ହେବାକୁ ଯାଉଅଛେ । ହଜରତ ମସିହ ମଉଦ ଆ.ସ କୁହନ୍ତି- ନିଃସନ୍ଦେହ ସ୍ୱର୍ଗକୁ ରମଜାନ ନିମନ୍ତେ ବର୍ଷ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସୁସଜ୍ଜିତ କରାଯାଇଥାଏ । ଏହିପରି ଆଉ ଏକ ହଦିସରେ ହଜୁର ସ.ଆ କୁହନ୍ତି- ଯେଉଁ ବ୍ୟକ୍ତି ରମଜାନର ରୋଜା ବିଶ୍ୱାସର ସହିତ ନିଜର ନିରୀକ୍ଷଣ କରି ରଖିଥାଏ, (ଅଲ୍ଲାଃ) ତାହାର ବିଗତ ପାପ କ୍ଷମା କରିଦେଇଥାନ୍ତି ଏବଂ ଯଦି ତୁମେ ଜାଣି ନିଅ କି ରମଜାନର ଉପକାରିତା କେତେ ଅଧିକ ତେବେ ତୁମେ ଆଗ୍ରହ ପ୍ରକାଶ କରିବ ଯେ, ସାରା ବର୍ଷ ରମଜାନ ହୁଅନ୍ତା କି ।

ଦ୍ୱିତୀୟ ହଦିସରେ ହଜୁର ସ.ଆ ସ୍ପଷ୍ଟ ଭାବରେ ଦର୍ଶାଇଛନ୍ତି ଯେ, ବିଶ୍ୱାସର ସହ ଯେଉଁ ବ୍ୟକ୍ତି ନିଜର ନିରୀକ୍ଷଣ କରି ରୋଜା ରଖେ ତାହାକୁ ଏହି ସ୍ତର ପ୍ରାପ୍ତ ହୋଇଥାଏ । ଯେତେବେଳେ ଏହି ଅବସ୍ଥା ଉତ୍ପନ୍ନ ହୋଇଥାଏ ସେତେବେଳେ ଏପରି ବ୍ୟକ୍ତିର ବିଗତ ପାପ କ୍ଷମା ହେବା ସହିତ ସେ ବିଶ୍ୱାସରେ ମଧ୍ୟ ଉନ୍ନତି କରିଥାଏ । ଯେତେବେଳେ ଜଣେ ନିଜର ନିରୀକ୍ଷଣ କରି ନିଜ ଦୋଷ ଦୁର୍ବଳତା ପ୍ରତି ନଜର ରଖିବ ଏବଂ ଅଲ୍ଲାଃ ଓ ସୃଷ୍ଟିର କର୍ତ୍ତବ୍ୟ ସମ୍ପାଦନ ପ୍ରତି ଧ୍ୟାନ ଦେବ, ଅଲ୍ଲାଃଙ୍କ ଇଚ୍ଛା ମୁତାବକ ଅମଳ କରିବାକୁ ଚେଷ୍ଟା କରିବ, ତେବେଯାଇ ତାହାର ପାପ କ୍ଷମା ହେବ । ଅଲ୍ଲାଃ ପବିତ୍ର କୋରାନରେ ରମଜାନର ରୋଜାରୁ ଏହି ଉଦ୍ଦେଶ୍ୟ ହାସଲ କରିବାର ଶିକ୍ଷା ଦେଇଛନ୍ତି । ଉପରୋକ୍ତ ପଙ୍କ୍ତି ଯାହାକି ମୁଁ ପାଠ କଲି ସେଥିରେ ଅଲ୍ଲାଃ କହିଛନ୍ତି ତୁମ ପାଇଁ ରୋଜା ଏଥିପାଇଁ ଧାର୍ଯ୍ୟ କରାଗଲା କି ଏତଦ୍ ଦ୍ୱାରା ତୁମେ ନିଜ ଭିତରେ ଈଶ୍ୱର ଭୟ ସୃଷ୍ଟି କର ଏବଂ ଈଶ୍ୱର ଭୟ ଏହି କି ଯେ, ଯେତେବେଳେ ତୁମର ପ୍ରତ୍ୟେକ କାର୍ଯ୍ୟରେ ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବା ଉଦ୍ଦେଶ୍ୟ ରୁହେ । ତେବେ ତୁମେ ରୋଜା ରଖିବାରୁ ଉପକୃତ ହୋଇପାରିବ ଏବଂ ସଇତାନର ଆକ୍ରମଣରୁ ମଧ୍ୟ ନିଜକୁ ରକ୍ଷା କରିପାରିବ । ନଚେତ୍ ସଇତାନର ତ ଏହା ତୁମକୁ ମୁକ୍ତ ଆହ୍ୱାନ ଯେ ମଣିଷ ସାମାନ୍ୟ ଅଲ୍ଲାଃଙ୍କଠାରୁ ଦୂରେଇଲା ମାତ୍ରେ ସେ ତାହାକୁ ନିଜ ଅଧିନରେ କରିନେଇଥାଏ । ସୁତରାଂ ବିଶ୍ୱାସରେ ଉନ୍ନତି ଓ ନିଜର ନିରୀକ୍ଷଣ କରିବା ଦ୍ୱାରା ହିଁ ମଣିଷ ଅଲ୍ଲାଃଙ୍କ ଶରଣ ଲାଭ କରିଥାଏ ଏବଂ ଏହା ସେତେବେଳେ ସମ୍ଭବ ଯେତେବେଳେ ସେ ନିଜ ହୃଦୟରେ ଈଶ୍ୱର ଭୟକୁ ସ୍ଥାନ ଦେବ ।

ବିଶ୍ୱାସର ଅବସ୍ଥା ଓ ସ୍ତର, ଈଶ୍ୱର ଭୟର ଅବସ୍ଥା ଓ ସ୍ତର କିଭଳି ହେବା ଉଚିତ୍, ସେଥି ସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସ କୁହନ୍ତି- ବିଶ୍ୱାସ ସେପର୍ଯ୍ୟନ୍ତ ସଠିକ୍ ଅବସ୍ଥାରେ ପହଂଚିନଥାଏ ଯେପର୍ଯ୍ୟନ୍ତ ତୁମେ ଅଲ୍ଲାଃତାଲାଙ୍କୁ ଚିହ୍ନି ନାହଁ । ଆପଣ କୁହନ୍ତି ଆମ ନିମନ୍ତେ ସବୁଠାରୁ କଷ୍ଟ ସାଧ୍ୟ କାର୍ଯ୍ୟ ଅଲ୍ଲାଃଙ୍କୁ ଚିହ୍ନିବା ଅଟେ । ଯଦି ଆମେ ଏଥିରେ ଅସଫଳ କିମ୍ବା ଦ୍ୱନ୍ଦରେ ଅଛେ ଅବା ପରିଷ୍କାର ରୂପେ ଅଲ୍ଲାଃଙ୍କୁ ଦେଖିପାରୁ ନାହେଁ ତେବେ ଆମର ବିଶ୍ୱାସ କଦାପି ଆଲୋକିତ ଓ ତେଜସ୍ୱୀ ହୋଇପାରିବ ନାହିଁ । ସୁତରାଂ

ଅଲ୍ଲାଃଙ୍କୁ କିଭଳି ଚିହ୍ନିବା ? ଏହା କେବଳ ଅଲ୍ଲାଃଙ୍କ ଦୟା ଲାଭ ହେଲେ ସମ୍ଭବ । ଅଲ୍ଲାଃଙ୍କ ସହ ଏଭଳି ସମ୍ପର୍କ ସ୍ଥାପନ କରିବା ଯେଉଁଥିରେ ତାଙ୍କର ଦୟା, କୃପା ଓ ସମସ୍ତ ଶକ୍ତି ସଂକ୍ରାନ୍ତରେ ଆମେ ଅବଗତ ହୋଇପାରିବା ଏବଂ ଏହା ସେତେବେଳେ ସମ୍ଭବ ଯେତେବେଳେ ଆମେ ତାଙ୍କର ଉପାସନା କରିବା ଓ ତାଙ୍କ ସହ ନିବିଡ଼ ସମ୍ପର୍କ ସ୍ଥାପନ କରିବା । ହଜୁର ଆ.ସ କୁହନ୍ତି ଯେତେବେଳେ ଜଣେ ଅଲ୍ଲାଃଙ୍କ ଦୟା, କୃପା ଓ ସମସ୍ତ ଶକ୍ତି ସହ ଅବଗତ ହେବ ସେତେବେଳେ ସେ ଶାରୀରିକ ଉତେଜନାରୁ ରକ୍ଷା ପାଇଯାଇଥାଏ । ଶାରୀରିକ ଉତେଜନା ଦୁର୍ବଳ ବିଶ୍ୱାସୀଙ୍କ ମଧ୍ୟରେ ଉତ୍ପନ୍ନ ହୋଇଥାଏ ଯଦି ବିଶ୍ୱସ ସୁଦୃଢ ଓ ଅଲ୍ଲାଃଙ୍କ ଉପରେ ପୂର୍ଣ୍ଣ ଆସ୍ଥା ଥାଏ ତେବେ ସେହି ଉତେଜନା ଉତ୍ପନ୍ନ ହିଁ ହୋଇନଥାଏ । ହଜୁର ଆ.ସ କୁହନ୍ତି- ଏହି ସଂସାରରେ ଆରାମ, ବିଳାସମୟ ଜୀବନ ଓ ଧନ ସମ୍ପତି ମଣିଷକୁ ଯେଭଳି ପ୍ରିୟ ଅଟେ । ସେହିପରି ପରକାଳର ପୁରସ୍କାର ପ୍ରିୟ ନୁହେଁ । କାରଣ ଯଦି ପରକାଳର ପୁରସ୍କାର ସେହିପରି ପ୍ରିୟ ହୋଇଥାନ୍ତା ତେବେ ତାହାକୁ ହାସଲ କରିବା ନିମନ୍ତେ ସମାନ ପ୍ରଚେଷ୍ଟା ଓ ଯତ୍ନ କରିଥାନ୍ତା । ଯେଭଳି ସାଂସାରିକ ବସ୍ତୁ ହାସଲ କରିବା ପାଇଁ ହୋଇଥାଏ ବରଂ ତାଠାରୁ ବଳି । ସୁତରାଂ ଯାହାର ଅଲ୍ଲାଃଙ୍କ ଶକ୍ତି, ଦୟା ଓ ପ୍ରତିଶୃତି ଉପରେ ପ୍ରକୃତ ଓ ଦୃଢ ବିଶ୍ୱାସ ନାହିଁ ତାହାକୁ ନିଜର ଅନୁଧ୍ୟାନ କରିବାର ଆବଶ୍ୟକତା ରହିଛି ।

ହଜୁର ଅନଓ୍ୱର ଅ.ବ କହିଲେ- ଉପରୋକ୍ତ ସ୍ୱଷ୍ଟିକରଣ ପରେ ଏକଥା ବୁଝାପଡ଼େ ଯେ, ବିଶ୍ୱାସ ଏକ ସାଧାରଣ ଜିନିଷ ନୁହେଁ । ଏହା ଏକ ବୃହତ ଲକ୍ଷ ଅଟେ, ଯାହାକି ଆମକୁ ହାସଲ କରିବାର ଅଛି । ହଜରତ ମସିହ ମଉଦ ଆ.ସ ଗୋଟିଏ ସ୍ଥାନରେ କହିଛନ୍ତି ମନେରଖ ଅଲ୍ଲାଃଙ୍କ ଉପରେ ବିଶ୍ୱାସ ରଖିବା ଦୁଇ ପ୍ରକାରର ଅଟେ । **ପ୍ରଥମ** କେବଳ ମଣିଷର କହିବା ମଧ୍ୟରେ ସୀମିତ ରହିଥାଏ ଏବଂ ଏହାର ପ୍ରଭାବ ଅମଳ କ୍ଷେତ୍ରରେ ତିଳେ ହେଲେ ପଡ଼ିନଥାଏ । **ଦ୍ୱିତୀୟ** କିସମ ଅଲ୍ଲାଃଙ୍କ ଉପରେ ବିଶ୍ୱାସ ରଖିବା, ମଣିଷର ବାସ୍ତବ ଜୀବନରେ ତାହାର ପ୍ରମାଣ ଦେଖିବାକୁ ମିଳିଥାଏ । ସୁତରାଂ ଯେପର୍ଯ୍ୟନ୍ତ ଏହି ଦ୍ୱିତୀୟ କିସମର ବିଶ୍ୱାସ ଉତ୍ପନ୍ନ ହୋଇ ନାହିଁ କୁହାଯାଇପାରିବ ନାହିଁ ଯେ ଜଣେ ଅଲ୍ଲାଃଙ୍କ ଅସ୍ତିତ୍ୱକୁ ସ୍ୱୀକାର କରିନେଇଛି । ଏକଥା ମୋତେ ବୁଝା ପଡୁନାହିଁ କି ଜଣେ ଅଲ୍ଲାଃଙ୍କ ଅସ୍ତିତ୍ୱକୁ ସ୍ୱୀକାର କଲା ପରେ କିଭଳି ଅପକର୍ମରେ ନିୟୋଜିତ ରହିପାରେ, ସଂସାରର ଏକ ବଡ଼ ଭାଗ ପ୍ରଥମ କିସମର ବିଶ୍ୱାସ ରଖିଥାନ୍ତି । ମୁଁ ଜାଣେ ଯେ, ସେମାନେ ଅଲ୍ଲାଃଙ୍କ ଅସ୍ତିତ୍ୱର ସ୍ୱୀକାର କରିଥାନ୍ତି କିନ୍ତୁ ଏଥିସହିତ ସାଂସାରିକ ଅପକର୍ମରେ ମଧ୍ୟ ଲିପ୍ତ ରହିଥାନ୍ତି । ତେବେ କ'ଣ ବିଶ୍ୱାସର ଏହି ବିଶେଷତା ଅର୍ଥାତ ଅଲ୍ଲାଃଙ୍କ ଉପସ୍ଥିତି ଓ ସେ ଆମ ଉପରେ ଲକ୍ଷ ରଖିଥିବାର ସ୍ୱୀକାର କରି ଜନ୍ମ ନେଇନଥାଏ ? ଆପଣ କୁହନ୍ତି ମଣିଷର ସ୍ୱଭାବରେ ରହିଛି ଯେ, ସେ ଯାହା ଉପରେ ଆସ୍ଥା ରଖିଥାଏ ତାହାର କ୍ଷତି ନହେବା ଓ ସେଥିରୁ ଉପକୃତ ହେବା ପାଇଁ ଚେଷ୍ଟା କରିଥାଏ । ଦେଖ ସନ୍‌ଖା ଏକ ରକମର ବିଷ ଅଟେ । ଯେତେବେଳେ ମଣିଷ ଅବଗତ ହୁଏ କି ତାହାର ନିମିତ ମାତ୍ର ସେବନ ଜୀବନ ହାରିବା ପାଇଁ ଯଥେଷ୍ଟ ତେବେ ସେ ତାହାର ସେବନ କରିବାକୁ କଦାପି ସାହାସ ଯୁଟାଇପାରି ନଥାଏ । କାରଣ ସେ ଭଲ ରୂପେ ଜାଣେ ଯେ, ତାହାର ସେବନ ନିଜ ପାଇଁ ମୃତ୍ୟୁକୁ ନିମନ୍ତ୍ରଣ ଦେବା ଅଟେ । ତେବେ କ'ଣ ପାଇଁ ଅଲ୍ଲାଃଙ୍କୁ ସ୍ୱୀକାର କଲାପରେ ଉପରୋକ୍ତ ପରିଣାମ ନିଜ ଭିତରେ ଉତ୍ପନ୍ନ କରୁ ନାହାନ୍ତି ଯାହାକି ଅଲ୍ଲାଃଙ୍କ ଉପରେ ଆସ୍ଥା ରଖିବା ଅଟେ । ଆପଣ କୁହନ୍ତି- ଯଦି ସନ୍‌ଖା (ବିଷ) ପରି ଅଲ୍ଲାଃଙ୍କ ଉପରେ କେହି ଆସ୍ଥା ରଖେ ତେବେ ଅନ୍ତଃ ଉତେଜନା ଓ ଭାବନାର ବଶବର୍ତୀ ହେବା ଉପରେ ଏକ ମୃତ୍ୟୁ ଆସିଯିବ । ସୁତରାଂ ମଣିଷର ପ୍ରଥମ କର୍ତବ୍ୟ ନିଜ ବିଶ୍ୱାସକୁ ସଠିକ୍ କରିବା ଯାହାକି ସେ ଅଲ୍ଲାଃଙ୍କ ଉପରେ ରଖିଥାଏ ଅର୍ଥାତ ଅମଳ ଦ୍ୱାରା ପ୍ରମାଣ କରି ଦେଖାଇବ ଯେ, ଏପରି କୌଣସି କର୍ମ କରିବ ନାହିଁ ଯଦ୍ୱାରା ଅଲ୍ଲାଃଙ୍କ ସମ୍ମାନ ହାନି ଓ ତାଙ୍କ ଆଦେଶର ଉଲଙ୍ଘନ ହେଉଥିବ ।

ହଜୁର ଅନଓ୍ୱର ଅ.ବ କହିଲେ- ଅତଏବ ଜଣେ ମୋମିନ୍ ଏଭଳି ନିଜର ନିରୀକ୍ଷଣ କରିଥାଏ । ରମଜାନର ଏହି ପବିତ୍ର ମାସରେ ଏକ ବିଶେଷ ପରିବେଶ ପରିଲକ୍ଷିତ ହୋଇଥାଏ । ଉପାସନା ଓ ଉତମ କର୍ମ କରିବା ପ୍ରତି ବିଶେଷ ଧ୍ୟାନ ଆକର୍ଷିତ ହୋଇଥାଏ । ଏପରି ଅନୁକୂଳ ପରିବେଶରେ ନିଜ ଉପାସନା ଓ ଉତମ କର୍ମ ପ୍ରତି ଧ୍ୟାନ ଦେଇ ନିଜ ଅମଳ ପ୍ରତି ନଜର ରଖିବା ଓ ଅଲ୍ଲାଃଙ୍କ ନିକଟରେ ନତମସ୍ତକ ହୋବା ସହିତ ନିଜ (ବିଗତ) ଅପକର୍ମର କ୍ଷମା ପ୍ରାର୍ଥନା କରିବା ଉଚିତ୍ । ପୁଣି ଚଳିତ ରମଜାନକୁ ଜୀବନର ଅବଶିଷ୍ଟ ସମୟରେ ସ୍ଥାୟୀ ଅଂଶ ରୂପେ ସ୍ଥାନ ଦେବା ଉଚିତ୍ ।

ଯେତେବେଳେ ହଜରତ ମହମ୍ମଦ ସ.ଆ ଦର୍ଶାଇଦେଲେ ବିଶ୍ୱାସ ଓ ନିଜର ନିରୀକ୍ଷଣ କରି ରମଜାନ ଅତିବାହିତ କର ତେବେ ଏହାର ଅର୍ଥ ଈଶ୍ୱର ଭୟରେ ଉନ୍ନତି କରି ନିଜ ଅବସ୍ଥା ଅଲ୍ଲାଃଙ୍କ ଇଚ୍ଛା ମୁତାବକ ରଖି ଉକ୍ତ ଦିନଗୁଡ଼ିକୁ ଅତିବାହିତ କରିବା । ଯଦି ଏହି ମାସରେ କୃତକାର୍ଯ୍ୟ ହୋଇଗଲେ ତେବେ ଈଶ୍ୱର ଭୟ ତୁମ ଜୀବନରେ ସ୍ଥାୟୀ ଅଂଶ ରୂପେ ସ୍ଥାନ ପାଇଯିବ । ସେତେବେଳେ ଏପରି ବ୍ୟକ୍ତି କେବଳ ରମଜାନରେ ନିଜ ଅମଳ ସଂଶୋଧନ ପ୍ରତି ଯତ୍ନବାନ ହେବ ନାହିଁ ବରଂ ଏହା ସଦାସର୍ବଦା ଚାଲିଥିବ । ହଜରତ ମସିହ ମଉଦ ଆ.ସ ଏଥିପ୍ରତି ଧ୍ୟାନ ଆକର୍ଷିତ କରି କୁହନ୍ତି- କୋରାନ ଓ ଇସଲାମ ଶିକ୍ଷାର ସାରମର୍ମ ମଣିଷ ହୃଦୟରେ ନିଜ ସୃଷ୍ଟିକର୍ତା ପ୍ରତି ଭୟ ଉତ୍ପନ୍ନ କରିବା ଅଟେ । କିନ୍ତୁ ଦୁଃଖଦ ତାହା ହିଁ ଆଜି କାହାରିଠାରେ ଦେଖିବାକୁ ମିଳୁ ନାହିଁ । ରୋଜା ରଖୁଛନ୍ତି, ନମାଜ ପାଠ କରୁଛନ୍ତି କିନ୍ତୁ ଈଶ୍ୱର ଭୟ ନାହିଁ ଯେଉଁଥିପାଇଁ ସେମାନଙ୍କର ରୋଜା ଓ ନମାଜ ପାଠ କରିବା ସେମାନଙ୍କୁ ପାପୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରୁଅଛି ।

ହଜୁର ଅନଓ୍ୱର ଅ.ବ କହିଲେ- ଆଜିକାଲି ଇସଲାମ ନାମରେ ଆତଙ୍କବାଦୀମାନେ ଯେଉଁ ବର୍ବର କାଣ୍ଡ ଘଟାଇ ନିରୀହ ଲୋକମାନଙ୍କ ହତ୍ୟା କରୁଛନ୍ତି । ତାହା ଏଥିପାଇଁ କି ସେମାନଙ୍କ ଠାରେ ଈଶ୍ୱର ଭୟ(ତକ୍‌ୱା) ନାହିଁ । ଏପରି ଲୋକେ ରମଜାନରୁ କିଭଳି ଉପକୃତ ହୋଇପାରିବେ ଯେ, ତକ୍‌ୱାରୁ ଦୂରେଇ ରହି ଅଲ୍ଲାଃ ଓ ରସୁଲଙ୍କ ନାମରେ ଅନ୍ୟାୟ ଓ ଅତ୍ୟାଚାର କରୁଛନ୍ତି ବରଂ ଏପରି ଲୋକେ ତ ଅଲ୍ଲାଃଙ୍କ ଦଣ୍ଡର ଅଧିକାରୀ ହେବେ । ସୁତରାଂ ଏଭଳି ସମୟରେ ଯେତେବେଳେ କି ଅସହିଷ୍ଣୁତା, ଅତ୍ୟାଚାରର ଘଟଣା ଦେଖିବା ଓ ଶୁଣିବାକୁ ମିଳେ, ଏପରି ଅବସ୍ଥାରେ ଆମେ ଅହେମଦିମାନଙ୍କୁ ପୂର୍ବ ଅପେକ୍ଷା ଅଧିକ କ୍ଷମା ପ୍ରାର୍ଥନା କରିବା ସହିତ ଅଲ୍ଲାଃଙ୍କ ପ୍ରଶଂସା କରିବାର ଅଛି କି ସେ ଆମକୁ ଏଭଳି ଅତ୍ୟାଚାରୀଙ୍କ କବଳରୁ ଦୂରେଇ ରଖିବା ସହିତ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରିବାର ଶକ୍ତି ପ୍ରଦାନ କଲେ । ସୁତରାଂ ଆମକୁ ନିଜ ଅମଳ ପ୍ରତି ନଜର ରଖିବା ସହିତ ନିଜ ବିଶ୍ୱାସକୁ ସୁଦୃଢ କରିବା ପ୍ରତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ । ହଜରତ ମସିହ ମଉଦ ଆ.ସ କୁହନ୍ତି- ବିଶ୍ୱାସର ମୂଳ ଈଶ୍ୱର ଭୟ ଓ ପବିତ୍ରତା ଅଟେ । ସେହିଥିରୁ ହିଁ ବିଶ୍ୱାସର ଉତ୍ପତି ଓ ତାହାର ସିଂଚନ ହୋଇ ବିକାଶ ଘଟିଥାଏ, ପୁଣି ଶାରୀରିକ ଉତେଜନା ମଧ୍ୟ ଦବିଥାଏ । ସୁତରାଂ ହଜୁର ଆ.ସଙ୍କ କଥନରୁ ଏକଥା ଆହୁରି ସ୍ୱଷ୍ଟ ହୋଇଗଲା ଯେ, ବିଶ୍ୱାସ ବ୍ୟତୀତ ତକ୍‌ୱା ଉତ୍ପନ୍ନ ହେବା ଅସମ୍ଭବ ଏବଂ ବିଶ୍ୱାସର ମୂଳ କେବଳ ତକ୍‌ୱା ନୁହେଁ ବରଂ ତକ୍‌ୱା ବ୍ୟତୀତ ବିଶ୍ୱାସର ସୁରକ୍ଷା ଓ ବିକାସ ହିଁ ଅସମ୍ଭବ । ତକ୍‌ୱା ଉତ୍ପନ୍ନ ହେଲେ ଯାଇ ଜଣେ ଉତମ କର୍ମ ସମ୍ପାଦନ କରିପାରିବ । ଉତମ ଅମଳ ଓ ଅଲ୍ଲାଃଙ୍କ ପ୍ରଶନ୍ନତା ଲାଭ କରିବା ପାଇଁ ପ୍ରାୟାସ ହେଲେ ଯାଇ ବିଶ୍ୱାସରେ ଉନ୍ନତି ଆସିଥାଏ । ଏଥିରୁ ଏହା ମଧ୍ୟ ସ୍ୱଷ୍ଟ ହୋଇଗଲା ଯେ, ରମଜାନର ଉପକାରିତାର ଫଳ ମଧ୍ୟ ଈଶ୍ୱର ଭୟ ପୋଷଣ କରିବାରେ ଉନ୍ନତି ନକରିବାଯାଏ, ହାସଲ ହୋଇନଥାଏ । ତକ୍‌ଓାରେ ଉନ୍ନତି କଲେ ବିଶ୍ୱାସରେ ଉନ୍ନତି କରିବ ଏବଂ ନିଜର ନିରୀକ୍ଷଣ କରିବା ପ୍ରତି ଧ୍ୟାନ କେନ୍ଦ୍ରିତ ହେବ । ପୁଣି ଯେତେବେଳେ ନିଜର ନିରୀକ୍ଷଣ ପ୍ରତି ଧ୍ୟାନ ଦେବ ସେତେବେଳେ ଶାରୀରିକ ଉତେଜନା ମଧ୍ୟ ଦବିଯିବ ଏବଂ ଏତତ୍ ଦ୍ୱାରା ଅଲ୍ଲାଃଙ୍କ ଆଦେଶ ମୁତାବକ ଅମଳ କରି ଆମେ ତାଙ୍କ ସାନିଧ୍ୟ ଲାଭ କରିପାରିବ

ହଜରତ ମସିହ ମଉଦ ଆ.ସ କୁହନ୍ତି- ପ୍ରକୃତ ତକ୍‌ୱା ଯେଉଁଥିରେ ମଣିଷକୁ ପରିସ୍କାର କରାଯାଏ । ଯେଉଁଥିପାଇଁ ଅବତାରମାନେ ସଂସାରକୁ ଆସିଥାନ୍ତି, ତାହା ଲୁପ୍ତ

ହୋଇଗଲାଣି । ପବିତ୍ରତା ଓ ପରିଷ୍କାର ପରିଚ୍ଛନ୍ନତା ଉତମ ଜିନିଷ ଅଟେ । ମଣିଷ ପବିତ୍ର ଥିଲେ ଦେବଦୂତମାନେ ତାହା ସହ ବାର୍ତାଲାପ କରିଥାନ୍ତି କିନ୍ତୁ ଲୋକେ ଏହାର ଗୁରୁତ୍ୱ ବୁଝୁନାହାନ୍ତି । ନଚେତ୍ ସେମାନଙ୍କୁ ସେମାନଙ୍କ ପ୍ରତ୍ୟେକ ବୈଦ୍ଧ ମାର୍ଗରେ ପ୍ରାପ୍ୟ ଜିନିଷରୁ ହିଁ ଆନନ୍ଦ ଓ ତୃପ୍ତି ମିଳିଯିବ । ହଜୁର ଆ.ସ କୁହନ୍ତି- ହଦିସରେ ଆସିଛି ଯଦି (ସମସ୍ତେ) ମୋମିନ୍ ଥିବେ ତେବେ ଚୋର ମଧ୍ୟ ସେମାନଙ୍କଠାରୁ ଚୋରୀ କରିନଥାଏ ଏବଂ ଏହା ସମ୍ପୂର୍ଣ୍ଣ ସତ୍ୟ ଅଟେ । ଛେଳି ମୁଣ୍ଡ ଉପରେ ଯଦି ବାଘ ଜଗିବସେ ତେବେ ଅନ୍ୟର କ୍ଷେତରୁ ଚାରା ଖାଇବା ତ ଦୂରର କଥା ସେ ନିଜ ବୈଦ୍ଧ କ୍ଷେତରୁ (ଚାରା) ଖାଇବା ହିଁ ଭୁଲିଯାଇଥାଏ । ସେହିପରି ଯଦି ତକ୍ୱା ଥିବ ତେବେ ମଣିଷ ପାପ କରିବ କିଭଳି । ମନେରଖ ମୂଳକଥା ଓ ଅସଲ ଉଦ୍ଦେଶ୍ୟ ତକ୍ୱା ଅଟେ । ଯାହାକୁ ଏହା ମିଳିଯାଏ, ସେ ସବୁକିଛି ପାଇଯାଇଥାଏ । ଏହାକୁ ବାଦ ଦେଇ ମଣିଷ ଛୋଟ ବଡ଼ ପାପରୁ ବର୍ତିବା ସମ୍ଭବ ନୁହେଁ । ହଜୁର ଆ.ସ କୁହନ୍ତି ମଣିଷ ନିଜକୁ ଏକାକି ମନେକରି ପାପ ତଥା ଅପକର୍ମ କରିଥାଏ । କାରଣ ଏକାକି ମନେକରି ସେ ଚିନ୍ତା କରିଥାଏ ଯେ, ଅଲ୍ଲାଃ ଉପସ୍ଥିତ ନାହାନ୍ତି ନା ସେ ମୋତେ ଦେଖୁଛନ୍ତି । ଅର୍ଥାତ ସେ ନାସ୍ତିକ ପାଲଟିଯାଇଥାଏ, ଯଦି ସେ ଏପରି ଭାବୁ ନଥାନ୍ତା ତେବେ ପାପ କରିନଥାନ୍ତା । ମନେରଖ ପ୍ରତ୍ୟେକ ଜିନିଷ ତକ୍ୱା ଉପରେ ନିର୍ଭରଶୀଳ । ଦେଖ ପବିତ୍ର କୋରାନର ପ୍ରାରମ୍ଭରେ ହିଁ ଅଲ୍ଲାଃ ଦର୍ଶାଇଦେଲେ- **ଇୟାକାନାବୁଦୁ ୱ ଇୟାକା ନସତଇନ୍** ଅର୍ଥାତ ତକ୍ୱା ହିଁ ସାର, ଯଦି ମଣିଷ ଅମଲ କରେ କିନ୍ତୁ ଭୟ ଯୋଗୁଁ ନିଜର କହିବାର ସାହସ ଯୁଟାଇପାରେ ନାହିଁ ବରଂ ଉକ୍ତ ଜିନିଷକୁ ଅଲ୍ଲାଃଙ୍କ ସାହାଯ୍ୟ ଓ ଅନୁକମ୍ପା ମନେକରେ (**ଇୟାକାନସ୍ତଇନ**) କି ଏହି ଉପାସନା ମଧ୍ୟ ମୁଁ ତୁମ୍ଭ ସାହାଯ୍ୟ ଯୋଗୁଁ ସମ୍ପାଦନ କରିପାରିଲି, ତୁମେ ହିଁ ମୋତେ ଏକାର ଶକ୍ତି ପ୍ରଦାନ କଲ । ନଚେତ୍ ମୁଁ ଏପରି କରିବା ପାଇଁ ସକ୍ଷମ ନଥିଲି । ପୁଣି ଭବିଷ୍ୟତରେ ସାହାଯ୍ୟ ଓ ଉପାସନା କରିବାର ଶକ୍ତି ପ୍ରାପ୍ତି ନିମନ୍ତେ ପ୍ରାର୍ଥନା କରେ । ଏହା ଅଟେ ତକ୍ୱାର ସ୍ତର, ପୁଣି ଦ୍ୱିତୀୟ ସୁରାରେ **ହୁଦଲ୍ ଲିଲ୍ ମୁତ୍ତକିନା**ରୁ ଆରମ୍ଭ କଲେ । ହଜୁର ଆ.ସ କୁହନ୍ତି ନମାଜ, ରୋଜା ଓ ଜକାତ ସେତେବେଳେ ସ୍ୱୀକୃତି ପ୍ରାପ୍ତ କରିଥାଏ ଯେତେବେଳେ ମଣିଷ ତକ୍ୱା ଧାରଣ କରିଥାଏ । ସୁତରାଂ ଯେତେବେଳେ ହୃଦୟରେ ତକ୍ୱା ବସାବାନ୍ଧିଯାଏ ସେତେବେଳେ ମଣିଷର କର୍ମ ସ୍ୱୀକୃତି ପ୍ରାପ୍ତ କରିଥାଏ । ଯଦି ତକ୍ୱା ନାହିଁ ତେବେ କୌଣସି ଅମଲ ମଧ୍ୟ ସ୍ୱୀକାର ଯୋଗ୍ୟ ନୁହେଁ । ପବିତ୍ର କୋରାନରେ ଅଲ୍ଲାଃ କୁହନ୍ତି **ଇନ୍ନଲ୍ ଲଜିନା କାଲୁ ରବ୍ ବୁନଲ୍ ଲାହୁ ସୁମ୍ମସ୍ ତକାମୁ ତତନଜ୍ ଜଲୁ ଅଲୈହିମୁଲ୍ ମଲାଇକାତୁ ଅଲ୍ଲା ତଖାଫୁ ୱଲା ତହ୍‌ଜନୁ** ଅର୍ଥାତ ଯେଉଁମାନେ କୁହନ୍ତି ଯେ, ଅଲ୍ଲାଃ ଆମମାନଙ୍କର ପାଳନକର୍ତା ଓ ଏହାପରେ ସେମାନେ ଏହି ବିଶ୍ୱାସ ଉପରେ ଅଟଳ ରହନ୍ତି ସେମାନଙ୍କ ଦେବଦୂତମାନେ ଅବତୀର୍ଣ୍ଣ ହୋଇ କୁହନ୍ତି ଭୟ କର ନାହିଁ ଏବଂ ଦୁଃଖ କର ନାହିଁ ଏବଂ ଯେଉଁ ବୈକୁଣ୍ଠ ବିଷୟରେ ତୁମମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା ତାହାର ପ୍ରାପ୍ତି ସଂକ୍ରାନ୍ତରେ ଆନନ୍ଦିତ ହୁଅ । କାରଣ ବର୍ତମାନ ତୁମେ ତକ୍ୱାକୁ ନିଜ ହୃଦୟରେ ସ୍ଥାନ ଦେଇଛ । ପୁଣି ଆଗକୁ କହିଲେ **ନହ୍‌ନୁ ଅୱ୍‌ଲିୟାକୁମ୍ ଫିଲ୍ ହୟାତିଦ୍ ଦୁନୟା ୱଫିଲ୍ ଆଖିରା** ଅର୍ଥାତ ଆମ୍ଭେ ତୁମ୍ଭମାନଙ୍କ ଇହ ଓ ପରକାଳର ବନ୍ଧୁ ତଥା ପାଳନକର୍ତା ।

ସୁତରାଂ ଅଲ୍ଲାଃତାଲା ସେହିମାନଙ୍କ ପାପ କ୍ଷମା କରିଥାନ୍ତି ଯେ କ୍ରମାଗତ ଭାବରେ ଉତମ କର୍ମ କରିଥାନ୍ତି । ପୁଣି ସେମାନଙ୍କୁ ଏହି ଇହକାଳରେ ପୁରସ୍କାର ମଧ୍ୟ ପ୍ରଦାନ କରିଥାନ୍ତି ଏବଂ ପରକାଳରେ ମଧ୍ୟ ସେମାନଙ୍କ ସାଥି ତଥା ପାଳନ ପୋଷଣ କରିଥାନ୍ତି । ଆମେ କିଭଳି ଭାଗ୍ୟବାନ ଯେ, ରମଜାନରେ ନିଜ ଅବସ୍ଥା ପରିବର୍ତନ କରିବା ସହିତ ନିୟମିତ ଭାବରେ ଅଲ୍ଲାଃଙ୍କ ଆଦେଶ ମୁତାବକ ଜୀବନ ଅତିବାହିତ କରୁଅଛେ ଓ କରିବାକୁ ଚେଷ୍ଟା କରୁଛେ ।

ହଜୁର ଅନୱ୍ୱର ଅ.ବ କହିଲେ- ଅଲ୍ଲାଃତାଲା ଆମ୍ଭକୁ ନିଜର ଭୟ ଧାରଣକାରୀ ରୂପେ ଦେଖିବାକୁ ଚାହାନ୍ତି ଯଦ୍ୱାରା ସେ ତାଙ୍କର ଅସରନ୍ତି କୃପାର ଦ୍ୱାର ଆମ୍ଭ ଉପରେ ଉନ୍ମୁକ୍ତ କରିଦେବେ । ବିଶେଷ କରି ରମଜାନରେ ତ ସେ ନିଜ କୃପାର ଦ୍ୱାର ମୁତ୍ତକିମାନଙ୍କ (ତକ୍ୱା ଧାରଣକାରୀ) ପାଇଁ ଖୋଲିଦେଇଥାନ୍ତି । ମୁତ୍ତକି ପାଇଁ ନା କେବଳ ଅପକର୍ମରୁ ନିବୃତ ରହିବାର ଅଛି ବରଂ ଉତମ କର୍ମ ସମ୍ପାଦନ କରିବାର ଅଛି । ଏଥିସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସ ବିସ୍ତାରିତ ଭାବରେ କହିଛନ୍ତି କି ମତ୍ତକି ନିମନ୍ତେ ଏହା ଜରୁରୀ ଅଟେ କି ବଡ଼ ବଡ଼ ପାପ ଯେପରି କୁକର୍ମ, ଚୋରୀ, ଅନ୍ୟର ଅର୍ଥ ଆତ୍ମସାତ କରିବା, ଲୋକଦେଖାଣିଆ କାର୍ଯ୍ୟ, ଘୃଣା, ଲୋଭ ଇତ୍ୟାଦି କର୍ମରୁ ଦୃଢତାର ସହ ନିବୃତ ରହିବା ସହିତ ଏହାର ମୁକାବିଲାରେ ଉତମ କର୍ମରେ ଉନ୍ନତି କରିବା ଉଚିତ୍ । ଲୋକମାନଙ୍କ ସହ ବିଶ୍ୱସ୍ତତା ଓ ସତ୍ୟବାଦୀର ମାର୍ଗ ଅବଲମ୍ବନ କରିବା । ସେବା କରିବାର ମହେମୁଦ୍ (ପ୍ରଶଂସିତ)ର ସ୍ତର ହାସଲ କରିବାକୁ ଚେଷ୍ଟା କରିବା । ଏସମସ୍ତ କାର୍ଯ୍ୟ ସମ୍ପାଦନ କଲେ ଜଣେ ମୁତ୍ତକି ବୋଲାଏ । ଯେ ଏସମସ୍ତ ଗୁଣର ଅଧିକାରୀ ହୋଇଥାଏ ସେ ପ୍ରକୃତ ମୁତ୍ତକି ଅଟେ । ଏପରି ବ୍ୟକ୍ତି ସଂକ୍ରାନ୍ତରେ କୁହାଯାଇଛି **ଲା ଖୌଫାଆଲୈହିମ୍ ୱଲାହୁମ୍ ୟହଜନୁନ୍** ଏପରି ବ୍ୟକ୍ତିକୁ ଆଉ ବା କ'ଣ ଲୋଡ଼ା । ଅଲ୍ଲାଃତାଲା ଏଭଳି ଲୋକମାନଙ୍କର ସାଥି ହୋଇଥାନ୍ତି ଯେମିତିକି ସେ କୁହନ୍ତି **ୱହୁୱା ୟତୱଲ୍ଲି ସ୍ୱାଲିହିନ୍** । ଯଦି ଉକ୍ତ ବିଶେଷ ଗୁଣଗୁଡ଼ିକ ମଧ୍ୟରୁ ଗୋଟିଏ ଜଣକ ନିକଟରେ ଓ ଆଉ ଗୋଟିଏ ଅନ୍ୟ ଜଣକ ନିକଟରେ ଥାଏ ତେବେ ତାହାକୁ ମୁତ୍ତକି କୁହାଯାଇ ପାରିବ ନାହିଁ । ଯେପର୍ଯ୍ୟନ୍ତ ସମସ୍ତ ଗୁଣ ଜଣକ ନିକଟରେ ଏକତ୍ର ନାହିଁ ସେ ମୁତ୍ତକି ବୋଲାଯାଇ ନଥାଏ ।

ହଜରତ ମସିହ ମଉଦ ଆ.ସ କୁହନ୍ତି- ଯେ ବୟତ କରି ମନେକରି ନେଇଥାଏ କି ଅଲ୍ଲାଃଙ୍କ ହାତରୁ ରକ୍ଷାପାଇଯିବ ତେବେ ସେ ଭୁଲ୍ କରୁଅଛି । ତାହାର ଏପରି କଳନା କରିବା ସମ୍ପୂର୍ଣ୍ଣ ଭ୍ରାନ୍ତ ଧାରଣା ଅଟେ । ଦେଖ ଡ଼ାକ୍ତର ଯେଉଁ ପରିମାଣର ଔଷଧ ରୋଗୀକୁ ଦେଇଥାଏ ଯଦି ସେ ତାହାର ସେବନ ନକରେ ତେବେ ସୁସ୍ଥ ହେବାର ଆଶା ବାନ୍ଧିବା ନିରର୍ଥକ । ସୁତରାଂ ସେହି ସ୍ତର ପର୍ଯ୍ୟନ୍ତ ନିଜକୁ ପରିଷ୍କାର କର ଓ ଅଲ୍ଲାଃଙ୍କ ଭୟ ରଖ ଯେଉଁଠାରେ ପହଁଚିବା ପରେ ଅଲ୍ଲାଃଙ୍କ କୋପରୁ ରକ୍ଷା ମିଳିଥାଏ । ଦେଖ ଯଦି ଅଲ୍ଲାଃ କ୍ଷମା ପ୍ରାର୍ଥନାକାରୀଙ୍କ ଉପରେ ଦୟା ଆଚରଣ ନକରନ୍ତେ ତେବେ ସମଗ୍ର ସଂସାର ଅନ୍ଧକାରମୟ ହୋଇଯାଇଥାନ୍ତା । ହଜୁର ଆ.ସ କୁହନ୍ତି ଯେତେବେଳେ ଜଣେ ମୁତ୍ତକି ହୋଇଯାଏ, ଅଲ୍ଲାଃ ସେହି ବ୍ୟକ୍ତି ଓ ଅନ୍ୟମାନଙ୍କ ମଧ୍ୟରେ ପାର୍ଥକ୍ୟ ରଖିଦେଇଥାନ୍ତି । ଆପଣ କୁହନ୍ତି ଆମ୍ଭର ମାନ୍ୟକାରୀମାନଙ୍କୁ ଭୟ କରିବା ଉଚିତ୍ । ଯଦି କେହି ମୁତ୍ତକି ଅଟନ୍ତି ଯେପରିକି ଅଲ୍ଲାଃ ଇଚ୍ଛା ପ୍ରକାଶ କରିଛନ୍ତି ତେବେ ସେ ତାହାକୁ ସ୍ୱୟଂ ରକ୍ଷା କରିଥାନ୍ତି । ଏହି ଜମାଅତକୁ ଅଲ୍ଲାଃ ଲୋକମାନଙ୍କ ହୃଦୟରେ ତକ୍ୱା ଉତ୍ପନ୍ନ କରିବା ନିମନ୍ତେ ଗଢିଛନ୍ତି । କାରଣ ବର୍ତମାନ ଈଶ୍ୱର ଭୟର ସ୍ଥାନ ସମ୍ପୂର୍ଣ୍ଣ ଖାଲି ରହିଛି । ହଜୁର ଅନୱ୍ୱର ଅ.ବ କହିଲେ- ଆମ ଜୀବନରେ ରମଜାନର ଆସିବା ଏବଂ ଅଲ୍ଲାଃଙ୍କର କହିବା କି ରମଜାନ ଏଥିପାଇଁ ଆସିଥାଏ କି ତୁମେ ମୋତେ ଭୟ କର । ପୁଣି ହଜରତ ମସିହ ମଉଦ ଆ.ସ ମଧ୍ୟ ଦର୍ଶାଇଛନ୍ତି ଯେ, ଅଲ୍ଲାଃତାଲା ଏହି ଜମାଅତକୁ ନିଜ ଭିତରେ ତାଙ୍କର ଭୟ ପୋଷଣ କରିବା ନିମନ୍ତେ ଗଠନ କରିଛନ୍ତି । ସୁତରାଂ ଆମ୍ଭର କର୍ତବ୍ୟ ଯେ, ଆମେ ପ୍ରତ୍ୟେକ ମୁହୂର୍ତରେ ନିଜର ନିରୀକ୍ଷଣ କରିବା ସହିତ (ରମଜାନର)ଏହି ବିଶେଷ ଦିନଗୁଡ଼ିକରେ ନିଜ ଭିତରେ ଏଭଳି ପବିତ୍ର ପରିବର୍ତନ ସୃଷ୍ଟି କରିବା ଓ ଈଶ୍ୱର ଭୟର ସ୍ତର ବୃଦ୍ଧି କରିବାକୁ ଚେଷ୍ଟା କରିବା ଯାହାକି ଅଲ୍ଲାଃତାଲା ଆମ୍ଭଠାରୁ ଆଶା ବାନ୍ଧିଛନ୍ତି । ପୁଣି ଏହା କେବଳ ରମଜାନ ପର୍ଯ୍ୟନ୍ତ ସୀମିତ ରହିବାର ନାହିଁ ବରଂ ଏହାକୁ ନିଜ ଜୀବନରେ ସ୍ଥାୟୀ ଅଂଶ ରୂପେ ସ୍ଥାନ ଦେବାର ଅଛି । ଅଲ୍ଲାଃତାଲା ଆମ୍ଭକୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

ଖୁତବାର ଶେଷରେ ହଜୁର ଅନୱ୍ୱର ଅ.ବ ଶ୍ରୀମାନ ଖ୍ୱାଜା ଅହମଦ୍ ହୁସେନ୍ ସାହେବ ଦରୱ୍ୱେଶ୍ କାଦିଆନଙ୍କର ନମାଜ ଜନାଯାଃ ଗାଏବ ପାଠ କରିବାର ଘୋଷଣା କରିବା ସହିତ ତାଙ୍କ ଉତମ ଚରିତ୍ରର ଚର୍ଚ୍ଚା କଲେ ।

ପୃଷ୍ଠା-୧୨ର ଅବଶିଷ୍ଟାଂଶ.......

ସମସ୍ତଙ୍କ ପାଇଁ ।

❖ରିଭେଣ୍ଡ ରୋବର୍ଟ ଲାଇଲ୍ (Minister of St. Andrews Presbyteriam Church) ନିଜର ଭାବନା ବ୍ୟକ୍ତ କରି କହିଲେ:- ମୁଁ ଆଜିର ଭାଷଣ ଦ୍ୱାରା ବହୁତ ପ୍ରଭାବିତ ହୋଇଛି । ଏହାର କାରଣ ହଜୁରଙ୍କର ବାର୍ତା ଥିଲା ଯେଉଁଥିରେ ଶାନ୍ତି ପ୍ରେମ ଓ ଆଶାର ବାର୍ତା ଥିଲା । ଏବଂ ଏହା ଏପରି ବାର୍ତା ଯାହାର ସମ୍ପର୍କ ରଙ୍ଗ, ଜାତି, ପୂର୍ବ ପଶ୍ଚିମ, କୌଣସି ବିଶେଷ ସମୟ ବା ବିଶେଷ ସ୍ଥାନ ସହିତ ସମ୍ପର୍କ ନାହିଁ ବରଂ ସମଗ୍ର ସଂସାରର ଲୋକମାନଙ୍କ ପାଇଁଥିଲା ଏବଂ ଏହି ଭାଷଣର ଗୁରୁତ୍ୱ ଏହା ଅଟେ ଯେ ସଂସାରରେ ବହୁତ ଭୁଲ୍ ଧାରଣା ଏବଂ ଗୁଜବ ଓ ଭୟ ଏପରି ବ୍ୟାପିଯାଇଛି କିନ୍ତୁ ଆଜିର ବାର୍ତାରେ ଏହି କଥା ସ୍ୱଷ୍ଟ ଥିଲା ଯେ ଆମ ମଧ୍ୟରେ ବହୁତ ସମାନତା ଅଛି । ଭିନ୍ନତା କମ୍ ଅଛି । ଏହା ଏକ ବହୁତ ବଡ଼ ଖୁସିର ଖବର ଅଟେ ଯାହାକୁ ଲୋକମାନେ ଶୁଣିବା ଉଚିତ୍ ।

❖ଡାକ୍ତର ଇ ୟାନ୍ ବର୍କ (ପି.ସି ପାର୍ଟି ଓଂଟାରିଓ ପ୍ରତିନିଧି) ନିଜର ଭାବନା ବ୍ୟକ୍ତ କରି କହିଲେ:- ମୁଁ ହଜୁରଙ୍କ ପାଇଁ କୁଶଳ କାମନା କରୁଛି । ମୁଁ ହଜୁରଙ୍କର ଭାଷଣକୁ ବହୁତ ପ୍ରଭାବଶାଳୀ ରୂପେ ପାଇଲି । ଆପଣଙ୍କର ବାର୍ତା ପ୍ରେମ, ନ୍ୟାୟ ଓ ସମାନତାର ବାର୍ତା ଥିଲା । ମୋର ଆନ୍ତରିକ ଇଛା ଯେ ହଜରଙ୍କର ଏହି ବାର୍ତା ଆହୁରି ପ୍ରସାରଲାଭ କରୁ ।

❖ଆଲ୍ମା ଯିଏ ଟୋରାଂଟୋରେ ଶିକ୍ଷକ ଅଛନ୍ତି, ନିଜର ଭାବନା ବ୍ୟକ୍ତ କରି କହିଲେ:-ମୋ ମତରେ ଏହା ବହୁତ ଖୁସିର କଥା ଯେ ହଜୁର୍ ସଂସାରରେ ଶାନ୍ତିର ବାର୍ତାକୁ ପରିବେଷଣ କରିଚାଲିଛନ୍ତି ଏବଂ ଏହି ବାର୍ତାକୁ କେବଳ ମୁସଲମାନ୍ ନିମନ୍ତେ ସିମୀତ ରଖି ନାହାଁନ୍ତି ବରଂ ସମସ୍ତ ଜାତି ଓ ରଙ୍ଗର ଲୋକମାନଙ୍କ ପାଇଁ ଆପଣଙ୍କର ଏ ବାର୍ତା ଥିଲା । ଯଦି ଆମେ ସଂସାରର ସମସ୍ୟାକୁ ଅନୁଧ୍ୟାନ କରିବା ତେବେ ଆପଣଙ୍କର ଏହି ବାର୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ତେଣୁ ମୁଁ ଭାବୁଛି ଯେ ଏହା ଏକ ସ୍ୱଷ୍ଟ ବାର୍ତା ଥିଲା ଯାହାକୁ ସମସ୍ତେ ଶୁଣିବା ଉଚିତ୍ ।

❖ମାସ୍‌ମୁ ଜୋନୁବାଲ୍ (ନାଏବ୍ ପ୍ରିନ୍‌ସିପାଲ୍ କ୍ୟାଥୋଲିକ୍ ସ୍କୁଲ୍) ନିଜର ଭାବନା ବ୍ୟକ୍ତ କରି କହିଲେ:- ମୋତେ ଯେତେବେଳେ ଏହିପରି ପ୍ରଭାବଶାଳୀ ଭାଷଣ ଶୁଣିବାକୁ ମିଳେ ମୁଁ ନିଶ୍ଚିତ ସେଥିରେ ସାମିଲ୍ ହୁଏ । ଖଲିଫତୁଲ୍ ମସିହ୍‌ଙ୍କର ଭାଷଣରେ ବହୁତ ଗୁଡ଼ିଏ ଏପରି କଥା ଥିଲା ଯାହାକୁ ମୁଁ ନିଜେ ସ୍ୱୀକାର କରୁଛି । ଏହା ଦ୍ୱାରା ମୋତେ ବହୁତ ଖୁସି ଅନୁଭବ ହେଲା ।

❖ମୁହମ୍ମଦ୍ ଅଲ୍‌ହୟ ଅଜି (ସଭାପତି ନାଏଲ୍ ଆସୋସିଏସନ୍ ଅଫ୍ ଏଂଟାରଓ୍ୱେ) ନିଜର ଭାବନା ବ୍ୟକ୍ତ କରି କହିଲେ:- ଆଜିର ବାର୍ତା ଅତ୍ୟନ୍ତ ସ୍ୱଷ୍ଟ ଥିଲା ଯେ ଆମ ସମସ୍ତଙ୍କୁ ପ୍ରେମ ସହିତ ରହିବା ଉଚିତ୍ ଏବଂ ଆମକୁ କାହା ସହିତ ଘୃଣା କରିବା ଉଚିତ୍ ନୁହେଁ । ଯଦି ଆମେ ଏକ ଆରେକକୁ ଘୃଣା କରିବା ତେବେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ନାହିଁ । ମୁଁ ଯେତେବେଳେ ହଜୁରଙ୍କର ଭାଷଣ ପାର୍ଲିଆମେଂଟ୍ ଭିତରେ ଶୁଣିଲି ସେତେବେଳେ ମୁଁ ବିଶ୍ୱାସ କରିପାରିଲି ନାହିଁ ଯେ ପାର୍ଲିଆମେଂଟ୍ ଭିତରେ ଏପରି କୌଣସି ମୁସଲମାନ୍ ଲିଡର୍ ଭାଷଣ ଦେଇପାରିବ । ହଜୁରଙ୍କ ନିକଟରେ ଭୟର କୌଣସି ଲେସ ମାତ୍ର ଦୃଷ୍ଟିଗୋଚର ହେଉନଥିଲା । ବହୁତ ନିର୍ଭୟ ହୋଇ ଆପଣ ଭାଷଣ ଦେଲେ । ଯଦ୍ୱାରା ଲୋକମାନଙ୍କୁ ବିଶ୍ୱାସ ହୋଇଗଲା ଯେ ଏହା ହିଁ ଇସ୍‌ଲାମ୍‌ର ବାସ୍ତବିକ୍ ଓ ସଠିକ୍ ବାର୍ତା ଅଟେ । ଆପଣ କହିଲେ ଯେ ଏ ଯେଉଁ ଯୁଦ୍ଧ ହେଉଅଛି ଏହା ପଛରେ କିଛି ଲୋକ ଅଛନ୍ତି । ଯେଉଁମାନେ ନିଜର ଲାଭ ଉଠାଇବାକୁ ଚାହୁଁଛନ୍ତି । ଆଜିର ଭାଷଣରେ ହଜୁର୍ 'ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ' ସନ୍ଦର୍ଭରେ ଯେଉଁ ବାର୍ତା ଦେଲେ ତାହା ଉପରେ ଆମ ସମସ୍ତଙ୍କର ଅମଳ ହେବା ଉଚିତ୍ । ଏହା ହିଁ ହେଉଛି ପ୍ରକୃତ ସତ୍ୟ । ମୁଁ ୧୯୮୦ ରୁ ଅହେମଦୀ ମୁସଲମାନ୍ ଏବଂ ବିଗତ ୧୦-୧୫ ବର୍ଷ ହେବ ଯମାତ୍‌ରୁ ଦୂରେଇଯାଇଛି କିନ୍ତୁ ଏବେ ମୋର ଖିଆଲ୍ ଆସୁଛି ଯେ ମୋତେ ଓ୍ୱଲମାଙ୍କ ସହିତ ସମ୍ପର୍କ ରଖିବା ଉଚିତ୍ ହେବ ।

❖ସାଂଟା ଅଲୁଓ୍ୱଇ (ଯୁଗାଣ୍ଡା ମଦର୍ ଚର୍ଚ) ନିଜର ଭାବନା ବ୍ୟକ୍ତ କରି କହିଲେ:- ଖଲିଫତୁଲ୍ ମସିହ୍‌ଙ୍କର ଆଜିର ବାର୍ତା କ୍ଷମା ଓ ଶାନ୍ତି ପ୍ରତିଷ୍ଠା ଉପରେ ଥିଲା । ବିଶେଷ କରି ସବୁ ଧର୍ମ ଲୋକମାନେ ଗୋଟିଏ ଖୁଦାଙ୍କ ଉପରେ ବିଶ୍ୱାସ ଆଣୁଛନ୍ତି । କିନ୍ତୁ ବିଭିନ୍ନ ନାମରେ ତାଙ୍କୁ ଡ଼ାକୁଛନ୍ତି । ହଜୁର୍ ବିଶେଷ କରି ମୁସଲମାନଙ୍କର ଧ୍ୟାନ ଆକର୍ଷଣ କରାଇଲେ ଯେ ତୁମକୁ ଶାନ୍ତି ପ୍ରତିଷ୍ଠା ପାଇଁ ଅଧିକ ଚେଷ୍ଟା କରିବାକୁ ହେବ । ଏହା ଶୁଣି ମୋତେ ବହୁତ ଖୁସି ଲାଗିଲା ।

❖ସୁରିନ୍ଦର୍ ସିନ୍ଧୁ ନିଜର ଭାବନା ବ୍ୟକ୍ତ କରି କହିଲେ:- ହଜୁରଙ୍କ ଭାଷଣ ଯୋଗୁଁ ଏହା ବହୁତ ଉଚ୍ଚକୋଟୀର ମୌକା ଥିଲା । ଯେଉଁଥିରେ ଆପଣ ଶାନ୍ତି, ପ୍ରେମ ଓ ସମଗ୍ର ସଂସାରବାସୀଙ୍କ ପାଇଁ କିପରି ଭଲ ହେବ ଏହି କଥା ବର୍ଣ୍ଣନା କଲେ ।

❖ଫିଡେଲ୍ ନାମୀ ଜଣେ ଶିକ୍ଷାର୍ଥୀ ନିଜର ଭାବନା ବ୍ୟକ୍ତ କରି କହିଲେ:- ହଜୁରଙ୍କର ଭାଷଣ ଓ ପ୍ରତ୍ୟେକ ପ୍ରୋଗ୍ରାମ୍ ଅତ୍ୟନ୍ତ ସୁନ୍ଦର ଥିଲା । ଏହା ଆମ ହୃଦୟକୁ ପ୍ରଭାବିତ କଲା । ସେହିପରି ହଜୁରଙ୍କ ସହିତ ସାକ୍ଷାତ୍କାରକୁ ବ୍ୟକ୍ତ କରିବା ପାଇଁ ମୋ ପାଖରେ ଭାଷା ନାହିଁ । ଏହା ଆମ ଜୀବନର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା ।

❖ଶିହା ମୁସଲମାନ୍‌ର ଶିକ୍ଷାର୍ଥୀ ଫରିସ୍ତା ନିଜର ଭାବନା ବ୍ୟକ୍ତ କରି କହିଲେ:-ହଜୁରଙ୍କର ଇସ୍‌ଲାମ୍ ଓ ଶାନ୍ତି ବାବଦରେ ଯେଉଁ ଭାଷଣ ଥିଲା ତାହା ମୋର ଭାବନା ମୁତାବକ ଥିଲା ଓ ହଜୁରଙ୍କ ଚେହେରାରେ ଯେଉଁ ନୁର୍ (ଜ୍ୟୋତି) ପ୍ରକଟିତ ହେଉଥିଲା ତାହା ଅତ୍ୟନ୍ତ ମନୋଲୋଭା ଥିଲା ।

❖ଗ୍ରେଥ୍ କାଲ୍‌ଓ୍ୱେ ଏବଂ ଡ଼ିନା କାଲ୍‌ଓ୍ୱେ ନିଜର ଭାବନା ବ୍ୟକ୍ତ କରି କହିଲେ ଅତ୍ୟନ୍ତ ପ୍ରଭାବଶାଳୀ ବାର୍ତା ଥିଲା ଏବଂ ବହୁତ ସୁନ୍ଦର ପରିବର୍ତନ ଥିଲା ଯାହାକୁ ଆମେ ପ୍ରତ୍ୟହ ସଂସାରରେ ଦେଖୁଅଛୁ ।

❖ବାରାକାଥ୍ ନିଜର ଭାବନା ବ୍ୟକ୍ତ କରି କହିଲେ:- ଆପଣଙ୍କର ଭାଷଣ ଅତ୍ୟନ୍ତ ପ୍ରଭାବଶାଳୀ ଓ ସଂସାରର ସମସ୍ତ ଲୋକମାନଙ୍କ ପାଇଁ ଥିଲା । ମୋର ଆନ୍ତରିକ ଇଛା ଯେ ଏହି ବାର୍ତା ସଂସାରର ପ୍ରତ୍ୟେକ ଲୋକମାନଙ୍କ ନିକଟରେ ପହଂଚୁ ।

❖ଲୁସି କ୍ରାନୋଲ୍ (ପବ୍ଲିକ୍ ରିଲେସନ୍ ଘାନାଇଜ୍ ତଥା କାରାବିୟାନ୍ କମ୍ୟୁନିଟି) ନିଜର ଭାବନା ବ୍ୟକ୍ତ କରି କହିଲେ:- ଖଲିଫାଙ୍କର ବକ୍ତବ୍ୟରୁ ମୁଁ ବହୁତ ଏପରି କଥା ଶିଖିଛି ଯାହାର ମୋତେ ଜ୍ଞାନ ନଥିଲା । ଆପଣ କେବଳ ଭାଷଣ ଦେଲେ ନାହିଁ ବରଂ ଏ କଥାର ମଧ୍ୟ ନିର୍ଦ୍ଦେଶ ଦେଲେ ଯେ ଆମେ କିପରି ଏକ ଆରେକକୁ ପ୍ରେମ କରିବା ଓ କିପରି ପ୍ରତ୍ୟେକ ଲୋକ ଏକ ଅଟନ୍ତି । ଏବଂ ଏକଥା ମଧ୍ୟ ମୋ ଉପରେ ବହୁତ ପ୍ରଭାବ ପକାଇଲା ଯେ ମଣିଷ ହିସାବରେ ଆମେ ସମସ୍ତେ କୌଣସି ନା କୌଣସି କଥାରେ ଭିନ୍ନତା ଆଣିପାରୁ କିନ୍ତୁ ଆମର ଚେଷ୍ଟା ଏହା ହେବା ଉଚିତ୍ ଯେ ଆମେ କିପରି ଏହାର ସମାଧାନ କରିପାରିବା । ଆମେ ସର୍ବପ୍ରଥମେ ଆମର କଥାକୁ ବୁଝିବାକୁ ହେବ । ପୁଣି ଯାଇ ଆମେ ନ୍ୟାୟ ଓ

ସମାନତାର ସହିତ ସମସ୍ୟାକୁ ସମାଧାନ କରିପାରିବା । ଆଉ ଗୋଟିଏ କଥା ତାହା ମୋତେ ଆଶ୍ଚର୍ଯ୍ୟ କଲା ତାହା ଏହା ଅଟେ ଯେ ଯଦି ଆମେ ଆମ ସମସ୍ୟାଗୁଡିକ ଦୂର ନ କରି ପାରିବା ଓ ମିଳିମିଶି ରହିବାକୁ ନ ଶିଖିବା ତାହାହେଲେ ଏହାର ଫଳ ଆସନ୍ତା ପିଢ଼ି ଭୋଗିବେ । ଆମକୁ ଖୁଦାତାଲା ବତାଇଛନ୍ତି ଯେ ଆମ ଭିତରେ ଭିନ୍ନତା ହେବା ସତ୍ୱେ ମଧ ଆମେ ମିଳିମିଶି ରହିବା ଉଚିତ୍ ।

❖ଅବୁବକର୍ ୟୁସୁଫ୍ (ମେମ୍ବର୍ ଅଫ୍ ଜମିତା କମ୍ୟୁନିଟି) ନିଜର ଭାବନା ବ୍ୟକ୍ତ କରି କହିଲେ:- ଯାହା ଆଜି ମୁଁ ଶୁଣିଲି ଏବଂ ଦେଖିଲି ତାହା ଦ୍ୱାରା ବହୁତ ପ୍ରଭାବିତ ହେଲି । ହଜୁର୍ ନିଜ ଭାଷଣରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ବହୁତ ଗୁଡିଏ ଦୃଷ୍ଟାନ୍ତ ଉପସ୍ଥାପନ କଲେ । ଏବଂ ଆମର ଧ୍ୟାନ ଆକର୍ଷଣ କରାଇଲେ ଯେ ଆମକୁ ଉକ୍ତ କଥା ଉପରେ ଅମଲ କରିବା ପାଇଁ ଚେଷ୍ଟା କରିବାକୁ ପଡ଼ିବ । ଆପଣ ଆଁ ହଜ୍‌ରତ୍ ସ:ଆ:ସଙ୍କ ଜୀବନିରୁ ଏହା ପ୍ରମାଣ କରିଦେଲେ ଯେ ସେ ଜବର୍‌ଦସ୍ତ କେବେ କାହାକୁ ଇସ୍‌ଲାମ୍‌ରେ ଦାଖଲ କରାଇନାହାନ୍ତି । ଏବଂ ଆପଣ ସ:ଆ:ସ କିପରି ମାନବ ଜାତିର ସେବା କରିଥିଲେ । ହଜୁର୍ ପବିତ୍ର କୋରାନ୍‌ରୁ କହିଲେ **ଲା ଇକ୍‌ରାହା ଫିଦ୍ଦୀନ୍** ଅର୍ଥାତ୍ ଧର୍ମ ବିଷୟରେ କୌଣସି ବାଧ ବାଧକତ ନାହିଁ... ।

❖ଜଣେ ଶିକ୍ଷାର୍ଥୀ ଯାହାଙ୍କ ନାମ ମକ୍‌ସୁଦ୍ ନିଜର ଭାବନା ବ୍ୟକ୍ତ କରି କହୁଛନ୍ତି:- ବୋଧେ ଆମେ ସମସ୍ତେ ଏପି ଭାବନ୍ତେ ଯେପରି ହଜୁର୍ ବର୍ଣ୍ଣନା କଲେ । ମୁଁ ହଜୁର୍‌ଙ୍କ ଭାଷଣ ଦ୍ୱାରା ବହୁତ ପ୍ରଭାବିତ ହୋଇଛି । ମୁଁ ଏହି ବାର୍ତାକୁ ନିଜ ସାଥିରେ ନେଇଯିବି ଏବଂ ଏହାକୁ ନିଜ ଜୀବନରେ ପ୍ରୟୋଗ କରିବା ପାଇଁ ଚେଷ୍ଟା କରିବି ।

❖ଜଣେ ଅତିଥି ଯାହାଙ୍କ ନାମ କର୍ଣ୍ଣା ନିଜର ଭାବନା ବ୍ୟକ୍ତ କରି କହିଲେ:- ମୋର ଏଠାକୁ ଆସିବା ମୋ ପାଇଁ ସୌଭାଗ୍ୟ ଏବଂ ଗର୍ବର ବିଷୟ ଅଟେ ଏବଂ ଏଇ ଯୋଉ ଭାଷଣ ଥିଲା ଯାହାର ବିଷୟ ଶାନ୍ତି ଥିଲା, ଏହା ବହୁତ ଭଲ ଥିଲା । ଆମେ ଟେଲିଭିଜନ୍‌ରେ ବହୁତ ଗୁଡିଏ ଭାଷଣ ଶୁଣିବାକୁ ପାଉଛୁ । ଯେଉଁଥିରେ କେବଳ ଯୁଦ୍ଧ, ଝଗଡ଼ା ଓ ଘୃଣା ପ୍ରସାରଣ କରାଯାଉଛି । ସେଥିପାଇଁ ଏପରି ପ୍ରେମ ଓ ଶାନ୍ତିପୂର୍ଣ୍ଣ କଥା ଶୁଣି ମୋତେ ବହୁତ ଖୁସି ଲାଗିଲା ।

❖ଜଣେ ଅତିଥି ଯାହାଙ୍କ ନାମ ସାନିଟିଲ୍ ସେ ନିଜର ଭାବନା ବ୍ୟକ୍ତ କରି କହୁଛନ୍ତି:- ମୁଁ ଏଠାକୁ ଆସି ବହୁତ ଆନନ୍ଦିତ । ମୋତେ ଆପଣଙ୍କର ନିମନ୍ତ୍ରଣ କରିବା ମୋ ପାଇଁ ବହୁତ ଗର୍ବର ବିଷୟ ଥିଲା । ଏବଂ ଭାଷଣରେ ଯେଉଁ ବିଷୟ ଥିଲା ତାହା ହେଉଛି ଆମେ କିପରି ମିଳିମିଶି ରହିପାରିବା । ତେଣୁ ମୁଁ ଆଶା କରୁଛି ଯେ ଆହୁରି ଅନେକ ଲୋକ ଏହି ବାର୍ତାକୁ ଶୁଣିପାରିବେ ।

❖ଅନିତା ସମ୍‌ରା ନିଜର ଭାବନା ବ୍ୟକ୍ତ କରି କହୁଛନ୍ତି:- ଖଲିଫାଙ୍କର ଭାଷଣ ଶୁଣିବା ଓ ଇସ୍‌ଲାମୀ କମ୍ୟୁନିଟିକୁ ଦେଖିବା ପାଇଁ ଏହା ଏକ ଅପୂର୍ବ ଅବସର ଥିଲା । ମୋତେ ହଜୁର୍‌ଙ୍କର ଅଟୋଗ୍ରାଫ୍ ନେବା ବହୁତ ଆନନ୍ଦର ବିଷୟ ଥିଲା ।

❖ହିଉ କୋର୍ଟନି (ଡ଼ିଜାଇନର୍) ନିଜର ଭାବନା ବ୍ୟକ୍ତ କରି କହିଲେ:- ହଜୁର୍‌ଙ୍କର ଭାଷଣ ବହୁତ ପ୍ରଭାବୀ ଥିଲା । ମୁଁ ବହୁତ ଆନନ୍ଦିତ ଓ ବହୁତ ପ୍ରଭାବିତ ହୋଇଛି । ଖଲିଫାଙ୍କ ନିକଟରେ ଏକ ରୋବ୍ (ତେଜ) ଅଛି । ଯେତେବେଳେ ମୁଁ ଆପଣଙ୍କ ନିକଟରେ ପହଂଚିଲି ସେତେବେଳେ ମୁଁ କମ୍ପି ଯାଇଥିଲି । ସେଥିଯୋଗୁଁ ଏହା ନିଶ୍ଚିତ ଯେ ଆପଣଙ୍କ ନିକଟରେ କୌଣସି (ଐଶି) ଶକ୍ତି ଅଛି । ହଜୁର୍ ଜଣେ ବିନମ୍ର ବ୍ୟକ୍ତି ଅଟନ୍ତି । ଏବଂ ଏହି ବିନମ୍ରତାକୁ ମନୁଷ୍ୟ ଅନୁଭବ କରିପାରିବ ।

❖ଫ୍ରାନ୍‌ସିସ୍ ଅତା (ମେମ୍ବର୍ ଅଫ୍ ୟୁଗାଣ୍ଡା ମିନିଷ୍ଟର୍ଜ ଚର୍ଚ୍ଚ) ନିଜର ଭାବନା ବ୍ୟକ୍ତ କରି କହିଲେ:- ଖଲିଫା ନିଜର ଭାଷଣରେ ବତାଇଲେ ଯେ ଆମେ କିପରି ଏହି କଥାକୁ ଅର୍ଥାତ୍-'ମହବତ୍ ସବ୍ କେ ଲିଏ' ନିଜ ଜୀବନର ଅଙ୍ଗ ରୂପେ ବନାଇପାରିବା । ଏବଂ ଆପଣ ନିଜେ ନିଜ ଅମଲ ଦ୍ୱାରା ଦେଖାଇଲେ ଯେ କିପରି ଆମେ ଏହା ଉପରେ ଅମଲ କରିପାରିବା । ଆପଣ ଇସ୍‌ଲାମୀୟ ଶିକ୍ଷା ଉପରେ ଆଲୋକପାତ କଲେ । ଯେଉଁଥିରେ ସ୍ପଷ୍ଟ ହୋଇଗଲା ଯେ ଯେଉଁ କଥା ଗୁଡିକ ମିଡ଼ିଆରେ ଇସ୍‌ଲାମ୍ ବାବଦରେ କୁହାଯାଉଛି ତାହା ସମ୍ପୂର୍ଣ୍ଣ ମିଥ୍ୟା । ଯେଉଁ କଥା ଖଲିଫା ବର୍ଣ୍ଣନା କଲେ ତାହା ହେଉଛି ସତ୍ୟ । ଏବଂ ଆପଣ କହିଲେ ବାସ୍ତବିକ ମୁସ୍‌ଲମାନ୍ ସେ ଯିଏ ଅନ୍ୟର ସୁରକ୍ଷା କରେ ।

❖ଜେକ୍ ଗ୍ରେନ୍ ବର୍ଗ ଓଂଟାରିଓ ପି.ସି ୟୁଥ୍ ଆସୋସିଏସନ୍ ନିଜର ଭାବନା ବ୍ୟକ୍ତ କରି କହିଲେ:- ଖଲିଫାଙ୍କର ବକ୍ତବ୍ୟ ଭାବନାରେ ପରିପୂର୍ଣ୍ଣ ଥିଲା ଯାହାଦ୍ୱାରା ମୁଁ ବହୁତ ଉତ୍ସାହିତ ହେଲି । ଏବଂ ଆପଣ ନିଜର ବକ୍ତବ୍ୟରେ ସଂସାରରେ ଶାନ୍ତି ସ୍ଥାପନ କରିବା ପାଇଁ ବାର୍ତାଳାପ କଲେ । ମୋ ମତରେ ଖଲିଫା ନା କେବଳ ଅହେମଦୀମାନଙ୍କ ପାଇଁ ବରଂ ସମଗ୍ର ମୁସଲ୍‌ମାନ ମାନଙ୍କ ପାଇଁ ଏକ ଜବର୍‌ଦସ୍ତ ସ୍ଲୋଗାନ୍ ଅଟନ୍ତି । ଖଲିଫା ଯାହା କହିଲେ ତାହା ମୋ ଉପରେ ବହୁତ ପ୍ରଭାବ ପକାଇଲା ଯେ ଆମେ ଆଉ ଗୋଟିଏ ବିଶ୍ୱ ଯୁଦ୍ଧକୁ ବରଦାସ୍ତ କରିବା ନାହିଁ । ତେଣୁ ପ୍ରତ୍ୟେକ ଗୋଷ୍ଠୀଙ୍କୁ ମିଳିମିଶି କାମ କରିବାକୁ ହେବ ଓ ନିଜର କର୍ତବ୍ୟ ସମ୍ପାଦନ କରିବାକୁ ପଡ଼ିବ ।

❖ପ୍ୟାରାସିଙ୍ଘ କାଦୁୱାଲ୍ (ଲେଖକ) ନିଜ ଭାବନା ବ୍ୟକ୍ତ କରି କହିଲେ:- ଯେଉଁ କଥା ହଜୁର୍ ଅନୁୱର୍ ବର୍ଣ୍ଣନା କଲେ ଅର୍ଥାତ୍ ଶାନ୍ତି ପ୍ରତିଷ୍ଠା ତାହା ଅତ୍ୟନ୍ତ ଆବଶ୍ୟକ ଅଟେ । ଯଦି ଆମେ ଆପଣଙ୍କର ଅଧାଅଧି ଉପଦେଶ ଉପରେ ମଧ ଅମଳ କରିପାରିବା ତେବେ ଆମର ନିଜି ଓ ସମାଜି ଜୀବନରେ ଶାନ୍ତି ପ୍ରତିଷ୍ଠା ହୋଇଯିବ । ଯେଉଁ ଯୁଦ୍ଧ ଚାଲିଛି ତାହା ଶେଷ ହୋଇଯିବ । ମୁଁ ଆଜିର ବକ୍ତବ୍ୟ ଦ୍ୱାରା ବହୁତ ପ୍ରଭାବିତ ହୋଇଛି ।

❖ପିଟର୍ ଜୋରାଂଟିସ୍ (ରେଲ୍ ଆସିଷ୍ଟାଂଟ୍) ନିଜର ଭାବନ ବ୍ୟକ୍ତି କରି କହିଲେ:- ମୋତେ ହଜୁର୍ ଏହି ମଉକା ପ୍ରଦାନ କରିଥିବାରୁ ମୁଁ ଧନ୍ୟବାଦ ଦେବାକୁ ଚାହୁଁଛି । ହଜୁରଙ୍କ ସହିତ ମିଶି ମୋତେ ବହୁତ ଖୁସି ଲାଗିଲା ।

❖ହର୍‌ଜୋତ୍ ନାମି ଜଣେ ଅତିଥି ନିଜର ଭାବନା ବ୍ୟକ୍ତ କରି କହିଲେ:- ମୋତେ ବହୁତ ଭଲ ଲାଗିଲା । ମହବତ୍ ସବ୍ କେ ଲିଏ, ନଫରତ୍ କିସି ସେ ନେହିଁ ଏହା ମୋତେ ବହୁତ ଭଲ ଲାଗିଲା ।

**ପ୍ରେସ୍ ଏବଂ ମିଡ଼ିଆ କଭରେଜ୍**

❖ଅଲ୍ଲାଃତାଲାଙ୍କ କୃପାରୁ ଏହି ଏହି ନ୍ୟାଶିନାଲ୍ ପିସ୍ ସିମ୍ପୋଜିୟମ୍‌ର ପ୍ରେସ୍ ଏବଂ ମିଡ଼ିଆରେ କଭରେଜ୍ ଦିଆଗଲା ।

❖ ଖବରକାଗଜ 'Global News' ର କଭରେଜ୍ ଦିଆଗଲା ଯାହାର ପାଠକ ପାଠିକାଙ୍କ ସଂଖ୍ୟା ହେଉଛି ପାଂଚଲକ୍ଷ୍ୟ ।

❖ଏତଦ୍‌ବ୍ୟତୀତ ପିସ୍ ସିମ୍ପୋଜିୟମ୍ ପ୍ରୋଗ୍ରାମ୍‌ରେ ଚାରିଟି ଭାଷାର ମିଡ଼ିଆବାଲା ଉପସ୍ଥିତ ଥିଲେ । ଯେଉଁମାନଙ୍କ ମଧ୍ୟରୁ ଆଠଟି ଉର୍ଦ୍ଦୁ ଭାଷା, ଛଅଟି ପଞ୍ଜାବି, ଗୋଟିଏ ଆରବୀ ଏବଂ ଆଉ ଗୋଟିଏ ବଙ୍ଗାଳି ଭାଷା ଥିଲା । ଯେଉଁମାନଙ୍କର ସମ୍ପର୍କ କିଛି ଟି.ଭି ଚ୍ୟାନେଲ୍, ରେଡ଼ିଓ ଚ୍ୟାନେଲ୍ ଓ ବିଭିନ୍ନ ଖବରକାଗଜ ସହିତ ଥିଲା ।

❖ସୋସିଆଲ୍ ମିଡ଼ିଆ ଟୁଇଟର୍ ଏବଂ ଇଂଷ୍ଟାଗ୍ରାମ୍ ଜରିଆରେ ତିନି ଲକ୍ଷ ବୟାନବେ ହଜାର ଲୋକଙ୍କୁ ସିମ୍ପୋଜିୟମ୍ ବିଷୟରେ ଖବର ପହଂଚିଲା ।

**(ବ ହୱାଲା ଅଖ୍‌ବାର୍ ବଦର୍ ୧୯ ଜାନୁଆରୀ-୨୦୧୭)**

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.2 Thursday 06 JUIY 2017 Issue No. 27

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com
www.alislam.org/badr
ANNUAL SUBSCRIPTION:Rs.300/-

# ଖଲିଫତୁଲ୍ ମସିହ୍ ଇସ୍‌ଲାମ୍‌ର ସବୁଠାରୁ ଉତମ ମାର୍ଗଦର୍ଶକ ଅଟନ୍ତି ।

**ହଜୁର୍‌ଙ୍କର ବାର୍ତା ଅତ୍ୟନ୍ତ ପ୍ରଭାବଶାଳୀ ଥିଲା ଏବଂ ଆପଣ ସଂସାରରେ ଜଣେ ଏପରି ବ୍ୟକ୍ତି ଅଟନ୍ତି ଯିଏ ଶାନ୍ତି, ସୌହାର୍ଦ୍ଦ୍ୟ ଏବଂ ସମସ୍ତଙ୍କ ନିମନ୍ତେ ପ୍ରେମ ଚାହୁଁଛନ୍ତି । ମୁଁ ନିଜର ଭାବନାକୁ ଶବ୍ଦରେ ବ୍ୟକ୍ତି କରିପାରୁନାହିଁ ।**

**ହଜୁର୍‌ଙ୍କର ଇସ୍‌ଲାମ୍ ଓ ଶାନ୍ତି ବିଷୟରେ ଯେଉଁ ଭାଷଣ ଥିଲା ତାହା ମୋ ଭାବନା ମୁତାବକ ଥିଲା, ହଜୁର୍‌ଙ୍କର ଚେହେରାରେ ଯେଉଁ ଜ୍ୟୋତି ପ୍ରକଟିତ ହେଉଥିଲା ତାହା ବହୁତ ସୁନ୍ଦର ଥିଲା ।**

**ହଜୁର୍‌ଙ୍କର ଭାଷଣ ଅତ୍ୟନ୍ତ ପ୍ରଭାବଶାଳୀ ଥିଲା, ମୁଁ ବହୁତ ଆନନ୍ଦିତ ଓ ପ୍ରଭାବିତ ହୋଇଛି । ଖଲିଫାଙ୍କ ନିକଟରେ ଏକ ରୋବ୍ (ତେଜ) ଅଛି ଏବଂ ମୁଁ ଯେତେବେଳେ ଆପଣଙ୍କ ନିକଟରେ ପହଂଚିଲି ସେତେବେଳେ ମୁଁ କମ୍ପି ଯାଇଥିଲି । ସେଇଥିପାଇଁ ନିଶ୍ଚିତ ରୂପେ ଆପଣଙ୍କଠାରେ କୌଣସି ଶକ୍ତି ଅଛି ।**

**ଖଲିଫତୁଲ୍ ମସିହ୍ ହେଉଛନ୍ତି ଇସ୍‌ଲାମ୍‌ର ସବୁଠାରୁ ଉତମ ମାର୍ଗଦର୍ଶକ । ଏବଂ ଯେଉଁ ପଦ୍ଧତିରେ ଓ ଯେଉଁ କଥାଗୁଡିକ ହଜୁର୍ ବର୍ଣ୍ଣନା କଲେ ତାହା ଅଲ୍ଲାଃତାଲାଙ୍କ ଇଛା ମୁତାବକ ଅଟେ ଏବଂ ବାକି ମୁସଲ୍‌ମାନ ଲିଡ଼ର୍‌ମାନଙ୍କୁ ମଧ୍ୟ ଏହି ପଦ୍ଧତିରେ ବାର୍ତା ପହଂଚାଇବା ଉଚିତ୍ ।**

**(୨୨ ଅକ୍ଟୋବର୍-୨୦୧୬)**

## ହଜୁର୍ ଅନୁଓ୍ୱର୍‌ଙ୍କ ଭାଷଣ ପରେ ଅତିଥିମାନଙ୍କର ମନୋଭାବ

ହଜୁର୍ ଅନୁଓ୍ୱର୍‌ଙ୍କ ଆଜିର ଭାଷଣ ଅତିଥିମାନଙ୍କର ହୃଦୟରେ ଗଭୀର ପ୍ରଭାବ ପକାଇଲା । ଏହି ସନ୍ଦର୍ଭରେ ବହୁତ ଅତିଥି ନିଜର ଭାବନା ବ୍ୟକ୍ତ କରିଛନ୍ତି ।

❖ ପାଦ୍ରି ଚାର୍ଲଜ୍ ଓଲାଙ୍ଗୋ (Uganda Martyrs United Church of Canada) ନିଜର ଭାବନା ବ୍ୟକ୍ତ କରି କହିଲେ:- ଯାହା ମୁଁ ଦେଖିସାରିଛି ସେ ଖଲିଫତୁଲ୍ ମସିହ୍ ହେଉଛନ୍ତି ଇସ୍‌ଲାମ୍‌ର ସବୁଠାରୁ ଉତମ ମାର୍ଗଦର୍ଶକ ଏବଂ ଯେଉଁ ତରିକାରେ କଥାଗୁଡିକ ହଜୁର୍ ପରିବେଷଣ କଲେ ତାହା ଖୁଦାତାଲାଙ୍କ ଇଛା ମୁତାବକ ଥିଲା । ବାକି ମୁସଲ୍‌ମାନ୍ ଲିଡ଼ମାନଙ୍କୁ ମଧ୍ୟ ଏହି ତରିକାରେ ବାର୍ତାକୁ ପହଂଚାଇବା ଉଚିତ୍ । ଇସ୍‌ଲାମ୍ ନିଜର ଅନୁଯାୟୀମାନଙ୍କୁ ଏକଥା ଶିଖାଇଥାଏ ଯେ ସେମାନେ ଅନ୍ୟ ଧର୍ମର ଅନୁଯାୟୀମାନଙ୍କୁ ମଧ୍ୟ ସୁରକ୍ଷା ଦିଅନ୍ତୁ । ଏହି ଇସ୍‌ଲାମୀୟ ଶିକ୍ଷା ମୁଁ ପ୍ରଥମଥର ଶୁଣିଲି । ମୁଁ ହଜୁର୍‌ଙ୍କର ଭାଷଣ ଦ୍ୱାରା ବହୁତ ପ୍ରଭାବିତ ହୋଇଛି ଯେ ଆପଣଙ୍କର ଏହି ଇଛା ଥିଲା ଯେ ପ୍ରତ୍ୟେକ ଧର୍ମର ଲିଡ଼ର୍‌ମାନେ ଆପୋଷରେ ମିଳିମିଶି ବାର୍ତାଳାପ କରନ୍ତୁ ।

❖ଏଲ୍‌ସ ମାଲ୍‌ଟନ୍ ଏଂଟାର୍‌ଓ୍ୱେ ନିଜର ଭାବନା ବ୍ୟକ୍ତ କରି କହୁଛନ୍ତି:- ମୁଁ ଖଲିଫତୁଲ୍ ମସିହ୍‌ଙ୍କର ଗସ୍ତକୁ ବହୁତ ଆଗ୍ରହର ସହିତ ଦେଖୁଅଛି । କିଛି ମାସ ପୂର୍ବେ ଜଲ୍‌ସା ସାଲାନା ୟୁ.କେ ଅବସରରେ ପୁଣି ଜଲ୍‌ସା ସାଲାନା କାନାଡ଼ା ଅବସରରେ ଏବଂ ହଜୁର୍‌ଙ୍କ ପାର୍ଲିଆମେଂଟ୍ ଗସ୍ତ ଅବସରରେ ଯେତେବେଳେ ପ୍ରଧାନମନ୍ତ୍ରୀଙ୍କ ସହିତ ତାଙ୍କର ସାକ୍ଷାତକାର ହେଲା ମୋର ଆନ୍ତରିକ ଇଛା ଥିଲା ଯେ ମୁଁ ଖଲିଫତୁଲ୍ ମସିହ୍‌ଙ୍କ ସହିତ ସାକ୍ଷାତ କରିପାରିବି ବୋଲି ଯାହା ଆଜି ସାକ୍ଷାତ୍‌କାର ପରେ ପୁରଣ ହୋଇଛି । ହଜୁର୍‌ଙ୍କର ବାର୍ତା ଅତ୍ୟନ୍ତ ପ୍ରଭାବଶାଳୀ ଥିଲା । ଆପଣ ସଂସାରରେ ଏପରି ଜଣେ ବ୍ୟକ୍ତି ଅଟନ୍ତି ଯିଏ ଶାନ୍ତି, ସୌହାର୍ଦ୍ଦ୍ୟ ଓ ସମସ୍ତଙ୍କ ପାଇଁ ପ୍ରେମ ଚାହୁଁଛନ୍ତି । ମୁଁ ନିଜର ଭାବକୁ ଶବ୍ଦରେ ପ୍ରକଟ କରିପାରୁନାହିଁ ।

❖ହାଇଡ଼ି ମିନୋଟି (ଅବସରପ୍ରାପ୍ତ ଶିକ୍ଷକ) ନିଜର ଭାବନା ବ୍ୟକ୍ତ କରି କହୁଛନ୍ତି:- ଖଲିଫତୁଲ୍ ମସିହ୍‌ଙ୍କ ସହିତ ସାକ୍ଷାତ୍‌କାର ପରେ ମୁଁ ବହୁତ ଭାବ ବିହୋଳ ହୋଇଯାଇଛି । ମୁଁ ହଜୁର୍‌ଙ୍କର ଶାନ୍ତିପ୍ରିୟ ବାର୍ତା ଦ୍ୱାର ବହୁତ ପ୍ରଭାବିତ ହୋଇଛି । ହଜୁର୍ ଆମ ସମସ୍ତଙ୍କ ପାଇଁ ମାର୍ଗ ଦର୍ଶକ ଅଟନ୍ତି ଯଦି ଆମେ ତାଙ୍କର ବାର୍ତାକୁ ଶୁଣିବା ଏବଂ ଅମଲ କରିବା ।

❖ଗ୍ରେଗ୍ କେନେଡ଼ି ନିଜର ଭାବନା ବ୍ୟକ୍ତ କରି କହୁଛନ୍ତି:- ମୁଁ ଆଜି ମୋ ଭଉଣୀ ସହିତ ଏଠାକୁ ଆସିଛି । କାରଣ ସେ ବିଗତ ନିକଟରେ ଇସ୍‌ଲାମ୍ ଗ୍ରହଣ କରିଛନ୍ତି । ତେଣୁ ମୁଁ ଦେଖିବାକୁ ଚାହୁଁଥିଲି ଯେ ଯମାତ ଅହେମଦୀୟାର କି ପ୍ରକାର ଶିକ୍ଷା ଅଛି । ହଜୁର୍‌ଙ୍କର ବାର୍ତାକୁ ଶୁଣି ମୋ ଆନନ୍ଦର ସୀମା ରହିଲା ନାହିଁ ଯେ ମୋ ଭଉଣୀ ଏତେ ପ୍ରେମ କରୁଥିବା ଏବଂ ସାହାଯ୍ୟ କରୁଥିବା ଓ ଲୋକମାନଙ୍କର ସେବା କରୁଥିବା ଲୋକମାନଙ୍କ ଗୋଷ୍ଠୀରେ ସାମିଲ୍ ହୋଇଛନ୍ତି । ଯେଉଁ କଥାଗୁଡିକ ଆଜି ମୁଁ ଶିଖିଲି ତା ଦ୍ୱାରା ମୁଁ ବହୁତ ଆନନ୍ଦିତ ।

❖ସୁଜନ୍ ଫିନଲ୍ (ପୂର୍ବତନ ମେୟର୍ ବ୍ରେମ୍ପଟନ୍) ନିଜର ଭାବନା ବ୍ୟକ୍ତ କରି କହିଲେ:-ମୁଁ ଯମାତ୍ ଅହେମଦୀୟାକୁ ବିଗତ ତିରିଶି ବର୍ଷ ହେଲା ଜାଣିଛି । ବହୁତ ଗୁଡିଏ ପ୍ରୋଗ୍ରାମ୍ ଯେଉଁଥିରେ ଖଲିଫତୁଲ୍ ମସିହ୍ ଯୋଗ ଦେଇଥିଲେ ସେଥିରେ ମୁଁ ସାମିଲ୍ ହୋଇଛି । ଏହା ମୋର ସୌଭାଗ୍ୟ ଯେ ମୋତେ ଆଜି ଏହି ପ୍ରୋଗ୍ରାମ୍‌ରେ ମଧ୍ୟ ନିମନ୍ତ୍ରଣ କରାଯାଇଛି । ହଜୁର୍‌ଙ୍କର ବାର୍ତା ସବୁବେଳେ ଶାନ୍ତିପୂର୍ଣ୍ଣ ହୋଇଥାଏ ଏବଂ ମହବତ୍ ସବ୍ କେଲିଏ, ନଫରତ୍ କିସି ସେ ନେହିଁ (ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ) ର ଘୋଷଣା କରିଥାଏ । ମୁଁ ଲୋକମାନଙ୍କୁ ଏହା ବତାଇବାକୁ ଚାହୁଁଛି, ବିଶେଷ କରି ସେହି ଲୋକମାନଙ୍କୁ ଯେଉଁମାନେ ଅଲ୍ଲାଃଙ୍କର ବାର୍ତାକୁ ବୁଝିନାହାନ୍ତି ଯେ ଏହା ଏକ ଶାନ୍ତିପୂର୍ଣ୍ଣ ବାର୍ତା ଅଟେ । ଏହା ଏପରି କୈାଣସି କଥା ନୁହେଁ ଯେ ଯାହା ଲୋକମାନଙ୍କୁ ବା ପଶୁମାନଙ୍କୁ ବା କୌାଣସି ଜୀବକୁ କ୍ଷତି ପହଂଚାଇବ । ଏହା ହେଉଛି ଅଲ୍ଲାଃଙ୍କର ବାର୍ତା ଆମ

*ଅବଶିଷ୍ଟାଂଶ ପୃଷ୍ଠା-୧୦ ରେ ଦେଖନ୍ତୁ......*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan